ଆଜି - ଶୁକ୍ରବାର
ତାରିଖ - ୦୩ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୨୦
ତିଥି - ପ୍ରତିପଦ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଚିତ୍ରା,କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୭: ୦୦
ସୂର୍ଯ୍ୟାସ୍ତ - ୫ : ୫୮ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 40 ISSUE- 349 R.N.I. REGD. No. 44026/86 ବାଲେଶ୍ୱର ୦୩ ଅପ୍ରେଲ ୨୦୨୬ ଶୁକ୍ରବାର BALASORE 03 APRIL 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


"ସଂକଟ ଓ ଅଚଳାବସ୍ଥା ମଧ୍ୟ କିଛି ଶିକ୍ଷା ଦେଇଥାଏ, ଆଉ ତାହା ହେଉଛି- ସେଗୁଡ଼ିକ ଆମକୁ ଚିନ୍ତା କରିବାକୁ ବାଧ୍ୟ କରିଥାନ୍ତି ।।"

- ଜବାହାରଲାଲ୍ ନେହରୁ

# 'କର୍ମଯୋଗୀ ସାଧନା ସପ୍ତାହ' କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷତା ବିକାଶ ଆୟୋଗ (ସିବିସି)ର ପ୍ରତିଷ୍ଠା ଦିବସ ଅବସରରେ ଆଜି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ 'କର୍ମଯୋଗୀ ସାଧନା ସପ୍ତାହ'କୁ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ 'କର୍ମଯୋଗୀ ସାଧନା ସପ୍ତାହ'କୁ ସମ୍ବୋଧନ କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭକାମନା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମ ଦକ୍ଷତା ବିକାଶ ଆୟୋଗ (ସିବିସି)ର ପ୍ରତିଷ୍ଠା ଦିବସ ସହିତ ସମନ୍ୱିତ । ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ସହିତ ତାଳ ଦେଇ ଚାଲିବା ନିମନ୍ତେ ସାର୍ବଜନୀନ ସେବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରିବର୍ତ୍ତନଶୀଳ ବିଶ୍ୱ ବ୍ୟବସ୍ଥା ମଧ୍ୟରେ ଭାରତ ଦ୍ରୁତ ଗତିରେ ଅଗ୍ରସର ହେଉଛି ଏବଂ ଏହାର ଶାସନ ବ୍ୟବସ୍ଥାକୁ ନିରନ୍ତର ଅପଡେଟ କରିବାକୁ ପଡିବ । "କର୍ମଯୋଗୀ ସାଧନା ସପ୍ତାହ ୨୧ତମ ଶତାବ୍ଦୀରେ ଆମ ସାର୍ବଜନୀନ ସେବାକୁ ସମୟୋପଯୋଗୀ ଓ ପ୍ରତିକ୍ରିୟାଶୀଳ ରଖିବା ପାଇଁ ସେହି ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଅଟେ," ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଜିର ଶାସନର



ମୂଳ ଦର୍ଶନ ବିଷୟରେ ବ୍ୟାଖ୍ୟା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରଶାସନକୁ ଚଳାଇବାର ମୂଳ ମନ୍ତ୍ର ହେଉଛି 'ନାଗରିକ ଦେବୋ ଭବ' ଅର୍ଥାତ୍ ନାଗରିକଙ୍କୁ ସର୍ବୋଚ୍ଚ ସ୍ଥାନ ଦେବା । ସେ କହିଛନ୍ତି ଯେ, ସାର୍ବଜନୀନ ସେବାକୁ ନାଗରିକମାନଙ୍କ ପ୍ରତି ଅଧିକ କ୍ଷମତାଶୀଳ ଏବଂ ଅଧିକ ସମ୍ବେଦନଶୀଳ ହେବା ପାଇଁ ପୁନଃନିର୍ଦ୍ଦିଷ୍ଟ କରାଯାଉଛି । 'ପ୍ରଶାସନକୁ ପ୍ରକୃତରେ ନାଗରିକ-କୈନ୍ଦ୍ରିକ କରି ଏବେ ଏକ ନୂତନ ପରିଚୟ ଦିଆଯାଉଛି,' ବୋଲି ପ୍ରଧାନମନ୍ତ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି । ଦକ୍ଷତା ବିକାଶ ଆୟୋଗର ଉତ୍ପତ୍ତି ବିଷୟରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସ୍ୱାଧୀନତା ପରଠାରୁ ଅନେକ ପ୍ରତିଷ୍ଠାନ ବିଭିନ୍ନ ଲକ୍ଷ୍ୟ ନେଇ କାର୍ଯ୍ୟ କରିଆସୁଥିବା ବେଳେ, ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଏକ ଉତ୍ସର୍ଗୀକୃତ ସଂସ୍ଥାର ସ୍ପଷ୍ଟ ଆବଶ୍ୟକତା ରହିଥିଲା । 'ଏହି ଚିନ୍ତାଧାରା ଦକ୍ଷତା ବିକାଶ ଆୟୋଗକୁ ଜନ୍ମ ଦେଇଛି, ଯେଉଁ ବ୍ୟବସ୍ଥାରେ ପ୍ରତ୍ୟେକ କର୍ମଯୋଗୀଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ ରହିଛି,' ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସିବିସିକୁ ଏହାର ପ୍ରତିଷ୍ଠା ଦିବସରେ ଶୁଭେଚ୍ଛା ଜଣାଇ ଏବଂ ଆଇଗଟ୍ ମିଶନ କର୍ମଯୋଗୀର ସଫଳ ଭୂମିକାକୁ ପ୍ରାଧାନ୍ୟ ଦେଇ ଶ୍ରୀ ମୋଦୀ କହିଛନ୍ତି ଯେ, ଏହି ପ୍ରୟାସଗୁଡ଼ିକ ଆଧୁନିକ, ସକ୍ଷମ, ଉତ୍ସର୍ଗୀକୃତ ଏବଂ ସମ୍ବେଦନଶୀଳ କର୍ମଯୋଗୀଙ୍କ ଏକ ଦଳ ଗଠନ କରିବ । ଏହି ପ୍ରୟାସକୁ ବିକଶିତ ଭାରତର ବ୍ୟାପକ ଦୃଷ୍ଟିକୋଣ ସହିତ ସଂଯୋଗ କରି, ପ୍ରଧାନମନ୍ତ୍ରୀ ନିକଟରେ ସେବା ତୀର୍ଥର ଉଦ୍ଘାଟନ ସମୟରେ ତାଙ୍କର ଅଭିଭାଷଣକୁ ସ୍ମରଣ କରିବା ସହିତ ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଆଧୁନିକ ଭିତିଭୂମି, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଏକ ବିଶାଳ କୁଶଳୀ କର୍ମଶକ୍ତିର ଆବଶ୍ୟକତାକୁ ପୁନଃ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଯେ, ଏହି ଲକ୍ଷ୍ୟ ହାସଲ କରିବାରେ ସରକାରୀ ଅନୁଷ୍ଠାନ ଏବଂ ସରକାରୀ କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । 'ଆଜିର ଭାରତ ଗଭୀର ଭାବରେ ଆକାଂକ୍ଷୀ, ପ୍ରତ୍ୟେକ ନାଗରିକଙ୍କ ସ୍ୱପ୍ନ ଓ ଲକ୍ଷ୍ୟ ରହିଛି ଏବଂ ସେଗୁଡ଼ିକୁ ପୂରଣ କରିବା ପାଇଁ ସର୍ବାଧିକ ସମର୍ଥନ ପ୍ରଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ,' ବୋଲି ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ନାଗରିକମାନଙ୍କ ପାଇଁ ସହଜ ଜୀବନଧାରଣ ଏବଂ ଜୀବନର ଗୁଣବତା ଉନ୍ନତ କରିବା ପାଇଁ ଶାସନ ମାନଦଣ୍ଡ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ସରକାରୀ କର୍ମଚାରୀମାନଙ୍କୁ ପ୍ରତିଦିନ କିଛି ନୂଆ ଶିଖିବାକୁ ଓ ନିଜକୁ ଜଣେ କର୍ମଯୋଗୀଙ୍କ ପ୍ରକୃତ ଭାବନାରେ ଗଢ଼ି ତୋଳିବାକୁ ଅନୁରୋଧ କରିଛନ୍ତି । 'ଆମର ଶାସନ ବ୍ୟବସ୍ଥା ନିଶ୍ଚିତ କରିବା ଉଚିତ ଯେ, ନାଗରିକଙ୍କ ଜୀବନର ଗୁଣବତା ଦିନକୁ ଦିନ ଉନ୍ନତ ହେଉ, ଏହା ଆମର ପ୍ରକୃତ ମାନଦଣ୍ଡ,' ବୋଲି ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ପ୍ରଶାସନିକ ସଂସ୍କୃତିରେ ଏକ ମୌଳିକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପୁରୁଣା ବ୍ୟବସ୍ଥାରେ 'ଅଧିକାରୀ' ହେବା ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିଲା, ବର୍ତ୍ତମାନ କିନ୍ତୁ ଦେଶର ଧ୍ୟାନ କର୍ତ୍ତବ୍ୟର ଭାବନା ଉପରେ ଦୃଢ଼ ଭାବରେ ରହିଛି । ସେ ସ୍ମରଣ କରାଇଛନ୍ତି ଯେ, ସମ୍ବିଧାନ ମଧ୍ୟ କର୍ତ୍ତବ୍ୟ ପାଳନ ମାଧ୍ୟମରେ ଅଧିକାର ଦେଇଥାଏ ।

# ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ବିଧାନସଭା ପ୍ରାର୍ଥୀମାନଙ୍କ ପ୍ରାର୍ଥୀପତ୍ର ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ଚାରି ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ରାମପୁରହାଟ ଏସଡିଓ ଅଫିସରେ ବିଜେପିର ରାମପୁରହାଟ ବିଧାନ ସଭା ପ୍ରାର୍ଥୀ ଧ୍ରୁବ ଶାହା, ହଂସନ ବିଧାନ ସଭା ପ୍ରାର୍ଥୀ ନିଖିଲ ବାନାର୍ଜୀ, ନଲହାଟୀ ବିଧାନ ସଭା ପ୍ରାର୍ଥୀ ଅନିଲ ସିଂହ ଏବଂ ମୁରାରଇ ବିଧାନ ସଭା ପ୍ରାର୍ଥୀ ରିଙ୍କି ଘୋଷ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଏହି ଅବସରରେ ବୀରଭୂମ ଜିଲ୍ଲାର ରାମପୁରହାଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଗଠା ମୋଡ ଠାରୁ ଏଉଡ ଡଲଲସମ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏକ ବିଶାଳ ରାଲିରେ ଯାଇଥିଲେ । ଏହି ରାଲିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇଥିଲେ । ଏହି ନାମାଙ୍କନ ପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଦଳୀୟ ପ୍ରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ।

# ସାଧନା ସପ୍ତାହ ଏକ ସକ୍ଷମ, ପ୍ରତିବଦ୍ଧ ଏବଂ ନାଗରିକ-କୈନ୍ଦ୍ରିକ ପ୍ରଶାସନିକ ସେବା ଦିଗରେ ପରିବର୍ତ୍ତନକୁ ଦୃଢ଼ କରେ : ଡକ୍ଟର ପି. କେ. ମିଶ୍ର

ନୂଆଦିଲ୍ଲୀ : ଭାରତ ସରକାର ଆଜି ମିଶନ କର୍ମଯୋଗୀ ଅନ୍ତର୍ଗତ ଏକ ଜାତୀୟ ସ୍ତରର ଜ୍ଞାନ ଆହରଣ କାର୍ଯ୍ୟକ୍ରମ "କର୍ମଯୋଗୀ ସାଧନା ସପ୍ତାହ" ଆରମ୍ଭ କରିଛନ୍ତି । ଏହାର ଲକ୍ଷ୍ୟ ସାରା ଦେଶରେ ସରକାରୀ କର୍ମଚାରୀଙ୍କ କ୍ଷମତା, ପ୍ରତିବଦ୍ଧତା ଏବଂ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସୁଦୃଢ଼ କରିବା । ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ଶାସନ ବ୍ୟବସ୍ଥା 'ନାଗରିକ ଦେବୋ ଭବ' ଭାବନା ଦ୍ୱାରା ପରିଚାଳିତ ହୋଇ ପରିବର୍ତ୍ତିତ ଆବଶ୍ୟକତା ସହିତ ସମନ୍ୱିତ ରହିବା ଉଚିତ । ଦେଶ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଥିବା ବେଳେ ନିରନ୍ତର ଶିକ୍ଷା ଆହରଣ, ନିଷ୍ପତି ଗ୍ରହଣରେ ପ୍ରଯୁକ୍ତିବିଦ୍ୟା ଓ



ତଥ୍ୟର ଅଧିକ ବ୍ୟବହାର ଏବଂ କର୍ତ୍ତବ୍ୟ-କୈନ୍ଦ୍ରିକ ସାର୍ବଜନୀନ ସେବା ଦିଗରେ ପରିବର୍ତ୍ତନ ପାଇଁ ଆହ୍ୱାନ କରିଛନ୍ତି । ମିଶନ କର୍ମଯୋଗୀର ପାଂଚ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ୨ ଏପ୍ରିଲରୁ ୮ ଏପ୍ରିଲ, ୨୦୨୬ ପର୍ଯ୍ୟନ୍ତ କର୍ମଯୋଗୀ ସାଧନା ସପ୍ତାହ ଆୟୋଜ କରାଯାଉଛି । ଏକ ଦେଶବ୍ୟାପୀ କ୍ଷମତା-ନିର୍ମାଣ ପ୍ରୟାସ ଭାବରେ ପରିକଳ୍ପିତ, ଏହି ପଦକ୍ଷେପ ଏକ ସହଭାଗୀ ଶିକ୍ଷଣ ଢାଂଚା ଅଧୀନରେ ମନ୍ତ୍ରଣାଳୟ, ରାଜ୍ୟ ଏବଂ ପ୍ରଶାସନିକ ସେବା ତାଲିମ ପ୍ରତିଷ୍ଠାନଗୁଡ଼ିକୁ ଏକାଠି କରିଥାଏ । ଏହି କାର୍ଯ୍ୟକ୍ରମ ତିନୋଟି ସ୍ତମ୍ଭ, ପ୍ରଯୁକ୍ତିବିଦ୍ୟା, ପରମ୍ପରା ଏବଂ ସାକାର ଫଳାଫଳ ଉପରେ ଆଧାରିତ । ଏଥିରେ ମଧ୍ୟ ଭବିଷ୍ୟତ ଲାଗି ପ୍ରସ୍ତୁତ ପ୍ରଶାସନିକ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ କର୍ମଶାଳା, ମାଷ୍ଟରକ୍ଲାସ ଏବଂ ସଂସ୍ଥାଗତ ବିଚାର-ବିମର୍ଶ ଭଳି କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି । କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି. କେ. ମିଶ୍ର କହିଛନ୍ତି, ସାଧନା ସପ୍ତାହ ଏକ ସକ୍ଷମ, ପ୍ରତିବଦ୍ଧ ଏବଂ ନାଗରିକ-କୈନ୍ଦ୍ରିକ ପ୍ରଶାସନିକ ସେବା ଦିଗରେ ପରିବର୍ତ୍ତନକୁ ଦୃଢ଼ କରେ । ସେ କହିଛନ୍ତି, କ୍ଷମତା ବିକାଶ ସୀମିତ ତଥା ନିୟମ-ଆଧାରିତ ତାଲିମଠାରୁ ଆଗକୁ ବଢ଼ି ନିରନ୍ତର ତଥା ଯେକୌଣସି ସ୍ଥାନରୁ ଶିକ୍ଷାଦାନର ଏକ ବ୍ୟବସ୍ଥା ରୂପେ ବିକଶିତ ହୋଇଛି ।

# ପ୍ରଥମ ଦିନରେ ସ୍ୱଜନଗଣନା କଲେ ୧୭ ହଜାର ଲୋକ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ରାଜ୍ୟରେ ଜନଗଣନାକୁ ନେଇ ଆସିଲା ବଡ଼ ଅପଡେଟ୍ । ପ୍ରଥମ ଦିନରେ ସ୍ୱଜନଗଣନା କରିଛନ୍ତି ୧୭ ହଜାର ଲୋକ । ସ୍ୱଜନଗଣନା ପ୍ରକ୍ରିୟାରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ସାଧାରଣ ଲୋକଙ୍କୁ ଅପିଲ୍ କଲେ ମୁଖ୍ୟ ଶାସନ ସଚିବ ଏବଂ ଜନ ଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ କେମିତି ଜନଗଣନା ଚାଲିଛି ସେନେଇ ବୈଠକ ଡାକି ଆଲୋଚନା କରିଛନ୍ତି । ଜନଗଣନା ସମନ୍ୱୟ କମିଟିର ଦ୍ୱିତୀୟ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ବିଭିନ୍ନ ବିଭାଗର ସଚିବ ଓ ଉନ୍ନୟନ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ । ଆତ୍ମ ଗଣନା



ପ୍ରକ୍ରିୟାରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ଉଭୟ ମୁଖ୍ୟ ଶାସନ ସଚିବ ଓ ଜନ ଗଣନା ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ସାଧାରଣ ଲୋକଙ୍କୁ ଅପିଲ କରିଛନ୍ତି । ଏପ୍ରିଲ ୧ରୁ ରାଜ୍ୟରେ ଡିଜିଟାଲ୍ ଜନଗଣନା ଆରମ୍ଭ ହୋଇଛି । ପ୍ରଥମ ଥର ପାଇଁ ଡିଜିଟାଲ ମାଧ୍ୟମରେ ନିଜେ ନିଜେ ଜନଗଣନା କରିପାରିବେ ଜନତା । ଜଣଗଣନାରେ ତଥ୍ୟ ଗୋପନୀୟ ରହିବ । ଜନଗଣନା ପାଇଁ ସରକାର ୩୩ଟି ପ୍ରଶ୍ନ ତିଆରି କରିଛନ୍ତି । ଘର, ପରିବାର, ପରିବାରର ମୁଖ୍ୟ, ଗାଡି, ଜମିବାଡ଼ି, ଖଟଏ ପ୍ରମୁଖ ତଥ୍ୟ ସରକାରଙ୍କୁ ଦିଆଯିବ । ଜାତିଗତ ତଥ୍ୟକୁ ମଧ୍ୟ ଜନଗଣନାରେ ସାମିଲ କରାଯାଇଛି । ୧୫ ଦିନ ଯାଏଁ ଡିଜିଟାଲ୍ ମାଧ୍ୟମରେ ଜନଗଣନା ହେବ ୧୬ ତାରିଖ ଠାରୁ ଅଧିକାରୀମାନେ ଘରକୁ ଘର ଯାଇ ଜନଗଣନା କରିବେ ।






ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0002

15001/2/2627



ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜିଲ୍ଲା ପ୍ରଶାସନ ପାଳନ କଲା ‘ଓଡ଼ିଆ ପକ୍ଷ’ର ଦ୍ୱିତୀୟ ଦିନ

ବାଲେଶ୍ୱର, (ନି.ପ୍ର.): ’ଓଡ଼ିଆ ପକ୍ଷ’ର ଦ୍ୱିତୀୟ ଦିନକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଅତି ଉତ୍ସାହର ସହିତ ପାଳନ କରାଯାଇଛି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏପ୍ରିଲ ୨ ଓ ୩ ତାରିଖ ’ଓଡ଼ିଆ ପକ୍ଷ’କୁ ’ପାରମ୍ପରିକ ପୋଷାକ ପରିଧାନ ଦିବସ - ଆମ ପୋଷାକ ଆମ ପରିଚୟ’ ଦିବସ ଭାବେ ପାଳନ କରାଯିବାକୁ ସ୍ଥିର କରାଯାଇଥିବାରୁ ଏହାକୁ ପାଳନ କରାଯାଇଥିଲା । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଏ ବିଷୟରେ ଅବଗତ କରାଇଥିଲେ ।ଏହି ଅବସରରେ ଆଜି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପୂର୍ବାହ୍ନ ୧୧.୦୦ ଘଟିକାରେ ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ଏହାପରେ ସମସ୍ତେ ଏକତ୍ର ହୋଇ ଓଡ଼ିଶାର ଗୌରବମୟ ହସ୍ତତନ୍ତ ପରମ୍ପରାକୁ



ପ୍ରସାର କରିବାକୁ ସମସ୍ତ ଅଧିକାରୀ/ଅଧିକାରିଣୀ ଓ କର୍ମଚାରୀ ମାନଙ୍କୁ ଜିଲ୍ଲାପାଳ ମହୋଦୟ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିଲା ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ




ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୯୦ ତମ ଓଡ଼ିଶା ଦିବସ ଉତ୍ସାହ ସହିତ ପାଳିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବମୟ ପରମ୍ପରାକୁ ସ୍ମରଣ କରାଯାଇଥିଲା ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଯାଇଥିଲା । ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଅତିଥିମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରବର୍ତ୍ତୀ କ୍ରମରେ ଓଡ଼ିଆ ଭାଷା ଓ ସଂସ୍କୃତିର ଗୁରୁତ୍ୱ ଉପରେ କୁଳସଚିବ କୁକୁମୀନା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କରବେହେରା ନିଜ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଧକ୍ଷୀୟ ଅଭିଭାଷଣ ରେ ,ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ସମୟାନୁକ୍ରମେ ପ୍ରଭାବିତ ଓ ପ୍ରବାହିତ ହୋଇଆସିଥିବା ଉଲ୍ଲେଖ କରିଥିଲେ । ଏଥିସହିତ ସେ, ଉତରପିଢ଼ିକୁ ସାହିତ୍ୟ ସାଧନାକୁ ଏକ ସାମୂହିକ ସ୍ୱାର୍ଥ ନିହିତ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର- ପ୍ରଫେସର ସୋମା ଚାନ୍ଦ ଓ ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ - ଓଡ଼ିଶାର ଐତିହ୍ୟ, ସାହିତ୍ୟିକ ଉନ୍ନତି ଓ ସାମ୍ପ୍ରତିକ ପରିପ୍ରେକ୍ଷିତରେ ଭାଷାର ଭୂମିକା ବିଷୟରେ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ । ଓଡ଼ିଆ ତଥା ଓଡ଼ିଶାର ଉଭାବନରେ ମଧୁସୂଦନ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଓ ଫକୀରମୋହନ ସେନାପତିଙ୍କ ସହ ଅନେକ ଓଡ଼ିଆ ବ୍ୟକ୍ତିତ୍ୱଙ୍କ ଅବଦାନକୁ ସ୍ମରଣ କରିଥିଲେ । ବିଶ୍ୱବିଦ୍ୟାଳୟରେ ସ୍ଥାପିତ ସମସ୍ତ ବରେଣ୍ୟ ବରପୁତ୍ରଙ୍କ ମୂର୍ତିଗୁଡ଼ିକରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଓ ଶେଷରେ ଡ଼କ୍ଟର ଗୀତାଞ୍ଜଳି ପଣ୍ଡାଙ୍କ କୃତଜ୍ଞତା ଜ୍ଞାପନ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା । ଏହାସହିତ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାକ୍ତନ ଛାତ୍ର ସଂସଦ ଦ୍ୱାରା ସର୍ବସାଧାରଣ ଓ ଜୀବଜନ୍ତୁଙ୍କ ଉଦ୍ଦେଶ୍ୟରେ ଏକ ସାର୍ବଜନୀନ ଜଳଛତ୍ର କୁଳପତିଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଂଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଭାଇସ ପ୍ରେସିଡେଂଟ ଡ଼କ୍ଟର ଦେବଦତ ଦାସ, ଡ଼କ୍ଟର ମିନତୀ ମିଶ୍ର, ଡ଼କ୍ଟର ଜଗନ୍ନାଥ ବେହେରା ଓ ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ପଣା ଓ ଜଳ ବଂଟନ କରାଯାଇଥିଲା । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ’ଓଡ଼ିଆ ପକ୍ଷ-୨୦୨୬’ ପାଳନର ଶୁଭାରମ୍ଭ ସହ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଛାତ୍ରଛାତ୍ରୀମାନଙ୍କର ଆସକ୍ତି ଓ ସଚେତନତାକୁ ଆହୁରି ସୁଦୃଢ଼ କରାଯାଇଛି ।

# ବାଲେଶ୍ୱର ପୌରପାଳିକା ପାଳିଲା ‘ଓଡ଼ିଆ ପକ୍ଷ ଦିବସ’ ର ଦ୍ୱିତୀୟ ଦିନ

ବାଲେଶ୍ୱର(ନି.ପ୍ର) ବାଲେଶ୍ୱର ପୌରପାଳିକା ପାଳିଲା ‘ଓଡ଼ିଆ ପକ୍ଷ ଦିବସ‘ ର ଦ୍ୱିତୀୟ ଦିନ । ଏପ୍ରିଲ ୨ ଓ ୩ ତାରିଖ ଦିନ ’ଓଡ଼ିଆ ପକ୍ଷ’ କୁ ’ପାରମ୍ପରିକ ପୋଷାକ ପରିଧାନ ଦିବସ – ଆମ ପୋଷାକ ଆମ ପରିଚୟ’ ଦିବସ ଭାବେ ପାଳନ କରାଯିବାକୁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଥି ନିମନ୍ତେ ପୌରପାଳିକାର ସମସ୍ତ କର୍ମଚାରୀ ବୃନ୍ଦ ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରିଥିଲେ । ଏହି ଅବସରରେ ବାଲେଶ୍ୱର ପୌରପାଳିକା ଦ୍ୱାରା ସକାଳ ୮.୩୦ ଘଟିକା ସମୟରେ ଟାଉନ ହଲ ଠାରେ ଏକ ଯୋଗ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ପୌରାଧକ୍ଷା




ଶ୍ରୀମତୀ ସବିତା ସାହୁ ଏବଂ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ନିର୍ଲିପ୍ତତା ମହାନ୍ତିଙ୍କ ସମେତ ପୌରପାଳିକାର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ଓ ପରିମଳ କର୍ମୀ ମାନଙ୍କୁ ଯୋଗ ଗୁରୁ ଶ୍ରୀ ଗୌରାଙ୍ଗ ଚନ୍ଦ୍ର ବିନ୍ଧାଣୀ ଯୋଗ ଶିଖାଇବା ସହିତ ଯୋଗ ର ଉପକାରିତା ବିଷୟ



ରେ ଅବଗତ କରାଇଥିଲେ । ଏହା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ ଯୋଗ ଦେଇଥିଲେ । ତାଙ୍କ ସହିତ ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ ଏବଂ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀମତୀ ନିର୍ଲିପ୍ତତା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅତିଥି ମାନେ ମଂଚାସୀନ ଥିଲେ । ଉକ୍ତ ସଭାରେ ସ୍ୱଚ୍ଛ ଭାରତ ଅଧୀନରେ କାର୍ଯ୍ୟରତ ସମସ୍ତ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର୍ ଓ ସ୍ୱଚ୍ଛ କର୍ମୀ ମାନଙ୍କୁ ଶାଢ଼ୀ ବଂଟନ କରାଯିବା ସହିତ ପ୍ରଧାନ ମନ୍ତ୍ରୀ ଆବାସ ର ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରା ଯାଇଥିଲା । ଏହା ପରେ ବିଦ୍ୟୁତ୍ ମାର୍ଗ ରେ ନବ ନିର୍ମିତ ପେଭର୍ କରିଡର୍ ର ଉନ୍ମୋଚନ ମଧ କରା ଯାଇଥିଲା । ଏହି ପ୍ରକଳ୍ପ ଟି ଜାତୀୟ ସ୍ୱଚ୍ଛ ବାୟୁ କାର୍ଯକ୍ରମ ଅଧୀନ ରେ ୧୭ ଲକ୍ଷ୍ୟ ଟଙ୍କା ବ୍ୟୟ ରେ ନିର୍ମାଣ କରାଯାଇଛି ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଉତ୍କଳ ଦିବସ ପାଳନ

ବାଲେଶ୍ୱର(ନି.ପ୍ର.)ରାଣୀପଟଣା ସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ୦୧ ଏପ୍ରିଲ ୨୦୨୬ ତାରିଖରେ ଗମ୍ଭୀର ଓ ଉତ୍ସାହଭରା ପରିବେଶରେ ଉତ୍କଳ ଦିବସ ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଦିବାକର ସ, ପ୍ରଧାନ ଶିକ୍ଷକ ଶ୍ରୀ ନବୀନ ବେହେରା ସହ ସମସ୍ତ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଉତ୍କଳର ମହାନ ବୀର ସୂରୀ ମାନଙ୍କୁ ସ୍ମରଣ କରି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ପରବର୍ତୀକାଳରେ ଛାତ୍ରଛାତ୍ରୀମାନେ ଉତ୍କଳ ଦିବସ ବନ୍ଦନା ଗାନ ପରେ ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ଭାଷାର ଗୌରବ ବିଷୟରେ ଭାଷଣ ପରିବେଷଣ କରିଥିଲେ ।ନିର୍ଦ୍ଦେଶକ ତାଙ୍କ ଉଦବୋଧନ ରେ ଓଡ଼ିଆ ଭାଷାର ମହତ୍ୱ ଓ ଏହାର ସୁରକ୍ଷା ପାଇଁ ସମସ୍ତଙ୍କ ଦାୟିତ୍ୱ ବିଷୟରେ କହିଥିଲେ । ପ୍ରଧାନ ଶିକ୍ଷକ ମଧ ଉତ୍କଳ ଦିବସର ଐତିହାସିକ ପ୍ରସଙ୍ଗ ଉଲ୍ଲେଖ କରି ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ସଂସ୍କୃତି ପ୍ରତି ଗୌରବବୋଧ ଜାଗ୍ରତ କରିବାକୁ ଆହ୍ୱାନ କରିଥିଲେ ।ସମଗ୍ର କାର୍ଯ୍ୟକ୍ରମଟି ଶିକ୍ଷକ ଓ କର୍ମଚାରୀମାନଙ୍କ ସମନ୍ୱୟରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା ଏବଂ ସମସ୍ତଙ୍କ ମନରେ ଓଡ଼ିଆ ଜାତୀୟତାର ଗର୍ବକୁ ଆହୁରି ଦୃଢ଼ କରିଥିଲା ।ପରେ ପରେ ସମସ୍ତ ଛାତ୍ର ଛାତ୍ରୀ ମାନଂକୁ ଅନୁଷ୍ଠାନ ର ଶିକ୍ଷକ ଶିକ୍ଷିକା ଓ କର୍ମଚାରୀ ମାନେ ପଦ୍ମବତୀ ପାର୍କ ପରିଦର୍ଶନରେ ଆମୋଦ ପ୍ରମୋଦରେ ବୁଲାଇ ନେଇଥିଲେ । ପିଲାମାନେ ଭରପୁର ଆନନ୍ଦ ଉପଭୋଗ କରିଥିଲେ ।



# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଓଡିଶା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡିଶା ଦିବସ ପାଳିତ ହୋଇଯାଇଛି । ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ପ୍ରତ୍ୟେକ ତତ୍ୱାବଧନରେ ବାଲେଶ୍ୱର ସହରର ସମସ୍ତ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ,ବରିଷ୍ଠ ନେତା ରଞ୍ଜନ ବାଗ, ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶ, ଭାଇସଚେୟାର ମ୍ୟାନ କୈଳାଶ ଚନ୍ଦ୍ର ସେଠୀ, ଟାଉନ ସଭାପତି ମନୋଜ ରାଉତ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, କାଉନସିଲର ଶେଖ ଆୟୁବ, ମିତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା,କବିତା ମୃମୁ,ମୀନା ମହାନ୍ତି, ମିରାଜ ବାନୋ,ରିତିକ



ଜୀ, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, ଶେଖ ଆଲାମ, ଦେବାଶିଷ ଦାସ, ସୁବୋଧ ମହାନ୍ତି, ଅଶୋକ ଆଢ୍ୟ, ବିଭୁଦତ ପରିଡା,ପୂର୍ବତନ କାଉନସିଲର ଅବଦୁଲ ସାକିର ଖାନ,ରମେଶ ମାଝି,ସେକ ଅନସର,ଉମାଶଙ୍କର ତିଆଡି,ଭରତ ଭୂଷଣ ଦାସ,ନଳିନୀକାନ୍ତ ଦାସ,ଜଗନ୍ନାଥ ମହାରଣା,କୌଶିକ ପଣ୍ଡା,ସୁନିଆ ମୃମୁ,ହରସ ଖଣ୍ଡେଲୱାଲ,ହରେକୃଷ୍ଣ ପ୍ରଧାନ, ପ୍ରମୁଖ ଉପସ୍ଥିତ ରହିଥିଲେ ।ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି, ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି, ଏବଂ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତି ସହିତ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଭାରତ ରତ୍ନ ଡଃ. ଏପିଜେ ଅବଦୁଲ କଲାମ, ଡଃ. ବି. ଆର. ଆମ୍ବେଦକର , ମହାରାଜ ବୈକୁଣ୍ଠ ନାଥ ଦେବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଗଲା । ଭାଷା ଭିତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆମର ବରପୁତ୍ରମାନଙ୍କ ଅବଦାନ ଚିର ସ୍ମରଣୀୟ ବୋଲି ପୂର୍ବତନ ବିଧାୟକ ସ୍ୱରୂପ ଦାସ ମତବ୍ୟକ୍ତ କରିଥିଲେ ।

# ବିଦ୍ୟୁତ ନିରାପତାକୁ TPNODLର ପ୍ରାଥମିକତା

### ୧୭ଶହରୁ ଅଧିକ ଶିକ୍ଷାନୁଷ୍ଠାନ ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାନାନ୍ତର

ବାଲେଶ୍ୱର(ନି.ପ୍ର.) : ବିଦ୍ୟୁତ ସେବା ବିତରଣରେ ନିରାପତାକୁ ସର୍ବଦା ପ୍ରାଥମିକତା ଦେଇଆସିଛି ଟିପିଏନଓଡିଏଲ । ବିଶେଷତଃ ଶିକ୍ଷାନୁଷ୍ଠାନଗୁଡିକରେ ପିଲାମାନଙ୍କ ନିରାପତାକୁ ଅଧିକ ଗୁରୁତ୍ୱ ଦେଉଛି । ଟିପିଏନଓଡିଏଲ ଏହି କ୍ରମରେ ୧୮ଶହରୁ ଅଧିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିଛି । ନିରାପତା ପାଇଁ ସୁରକ୍ଷା ପ୍ରାଚୀର ମଧ ନିର୍ମାଣ କରାଯାଇଛି । ସୂଚନାମୁତାବକ ବାଲେଶ୍ୱର ଜିଲ୍ଲାରେ ୫୬୭ଟି ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଯାଜପୁରରେ ୩୫୬ଟି ଶିକ୍ଷାନୁଷ୍ଠାନ ପରିସରରୁ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି । ସେହିପରି କେନ୍ଦୁଝରରେ ପ୍ରାୟ ୩୫୦, ଭଦ୍ରକରେ ୨୧୭ ଏବଂ ମୟୂରଭଞ୍ଜର ୨୫୦ରୁ ଅଧିକ ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି । ପିଲାମାନଙ୍କ ନିରାପତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଟିପିଏନଓଡ଼ିଏଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ତଥା ଅବ୍ୟବସ୍ଥିତ ଥିବା ଟ୍ରାନ୍ସଫର୍ମରଗୁଡ଼ିକ ପାଇଁ ଫେନ୍ସିଂ ବା ସୁରକ୍ଷା ବାଡ଼ ମଧ ନିର୍ମାଣ କରାଯାଉଛି । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାରେ ୭୮୧ଟି ଟ୍ରାନ୍ସଫର୍ମର ପରିସରକୁ ସୁରକ୍ଷା ବାଡ଼ ନିର୍ମାଣ କରାଯାଇ ଆବଦ୍ଧ



କରାଯାଇଥିବାବେଳେ ବାରିପଦାରେ ୫୮୬, ଯାଜପୁରରେ ୪୭୬, ଭଦ୍ରକରେ ପ୍ରାୟ ୪ଶହ, ଏବଂ କେନ୍ଦୁଝରରେ ୩ଶହରୁ ଅଧିକ ଟ୍ରାନ୍ସଫର୍ମର ପରିସରରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇଛି । ସୁରକ୍ଷା ବାଡ଼ ନିକଟରେ ପିଲାମାନଙ୍କୁ ଖେଳିବାକୁ ନଦେବା, ଗାଇଗୋରୁ କିମ୍ବା ଅନ୍ୟ ପଶୁମାନଙ୍କୁ ନ ବାନ୍ଧିବା ଅବା ଓଦା କପଡ଼ା ନ ଶୁଖାଇବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଅସୁରକ୍ଷିତ ଅବସ୍ଥାରେ ଥିବା ବୈଦୁତିକ ଟ୍ରାନ୍ସଫର୍ମର ତଥା ଖୁଂଟି କିମ୍ବା ଛିଣ୍ଡା ତାର ସମ୍ପର୍କରେ ଜନସାଧାରଣ ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ସୂଚନା ଦେବା ପାଇଁ ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି ।

# ଦୁର୍ବୃତଙ୍କ ମାଡ଼ରେ ପରିବାର ଗୁରୁତର

ବାଲେଶ୍ୱର(ନି.ପ୍ର.) ସଦର ଥାନା ଅନ୍ତର୍ଗତ ରେମୁଣା ବ୍ଲକ ଚଷାଖଣ୍ଡ ଗ୍ରାମର ମହେଶ୍ୱର ନାୟକ ଓ ତାଙ୍କ ପରିବାରକୁ ଗତ ୨୧ ତାରିଖ ଦିନ ସଂଧ୍ୟା ସମୟରେ ରାସ୍ତା କାମକୁ କେନ୍ଦ୍ରକରି ଜେଇ ଉଦୟ ଶଂକର ଦାସ ତାଙ୍କର କିଛି ଗୁଣ୍ଡା ଓ ଅସାମାଜିକ ଶ୍ରେଣୀର ଲୋକଙ୍କୁ ଜୋର ଜବରଦସ୍ତ ନେଇଯାଇ ତାଙ୍କ ପରିବାରକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଖବରରୁ ପ୍ରକାଶଯେ, ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣକୁ କେନ୍ଦ୍ରକରି ମହେଶ୍ୱରନାୟକଙ୍କ ବାଡ଼କୁ ଉଠାଇନେବା, ଏକ ଗଭୀର ଗାତ ଖୋଳିବା, ଏହି ଘଟଣାରେ ଜେଇଙ୍କ ଦୃଷ୍ଟି ଆକର୍ଷଣ କରାଯିବା ଏବଂ ଜେଇ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଚମକ ଦେବା ଏବଂ ଦୁର୍ବୃତମାନେ ମାଡ଼ ମାରି ମହେଶ୍ୱରଙ୍କ ବାମଆଖିର ଡୋଳାକୁ ଫଟାଇ ଦେଇଥିବା ଅଭିଯୋଗ ହୋଇଛି ବାଲେଶ୍ୱର ଏସପି ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ନିକଟରେ । ଏମିତିକି ଦୁର୍ବୃତମାନେ ମହେଶ୍ୱରଙ୍କ ପକେଟରୁ ୧୪ହଜାର ୫ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି । ଏହି ଘଟଣାରେ ଏସପିଙ୍କ କାର୍ଯ୍ୟାଳୟରେ ତାଙ୍କ ଅଭିଯୋଗପତ୍ରକୁ ଗ୍ରହଣ କରିଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, ଏସପି, ଜିଲ୍ଲାପାଳ ଓ ସଦର ଥାନାରେ ଅଭିଯୋଗ ହୋଇଛି ।



# ଜିଲ୍ଲା ସମେତ ସହରରେ କୈବର୍ତ ପୂର୍ଣ୍ଣମୀ ପାଳିତ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲା ସମେତ ଜିଲ୍ଲାର ୧୨ଟି ବ୍ଲକ ଯଥା ସୋର, ରେମୁଣା, ଖଇରା, ସିମୁଳିଆ, ବାହାନଗା, ବାଲିଆପାଳ, ଭୋଗରାଇ, ନୀଳଗିରି, ଜଳେଶ୍ୱର, ସଦର, ବସ୍ତା ପ୍ରମୁଖ ବ୍ଲକ ଅଂଚଳରେ କୈବର୍ତ୍ୟ ପୂର୍ଣ୍ଣମୀ ଅବସରରେ ଗଙ୍ଗାମାତା, ଲକ୍ଷ୍ମୀନାରାୟଣ ଏବଂ ହର-ପାର୍ବତୀ ପୂଜାକାର୍ଯ୍ୟ ଧୁମଧାମରେ ଆରମ୍ଭ ହେବା ସହ ଯାତ୍ରା, ଯାନି ଉତ୍ସବ ମଧ୍ୟ ଆୟୋଜନ କରାଯାଇଛି । ସୁଉଚ୍ଚ ତୋରଣ ସାଙ୍ଗକୁ ଉଜ୍ୱଳ ଆଲୋକରେ ସାଜସଜ୍ଜା କରାଯାଇଛି ପୂଜାମଣ୍ଡପ । ବାଲେଶ୍ୱର ସହରର ନୂଆବଜାର, ମୋତିଗଂଜ, ହେମକାପଦା ଛକ, ବଳରାମଗଡ଼ି, ସୋର, ଡଗରା, ଚୌମୁଖ, କଷାଫଳ, ତାଳସାରି, ବଗଦା ଇତ୍ୟାଦି ଅଂଚଳରେ ଗଙ୍ଗାମାତା ପୂଜାର୍ଚ୍ଚନା କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଥିବା ଯୋଗୁଁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ





ମାଛ ମାରିବାକୁ ଯାଇନାହାଁନ୍ତି । ନିଜର ଡଙ୍ଗା, ଲଂଚ, ଗୁଡ଼ିକ ପୂଜାର୍ଚ୍ଚନା କରିବା ସହ ଗଂଗାମାତାଙ୍କ ପୂଜାରେ ଲାଗିଥିବା ଦେଖିବାକୁ ମିଳିଛି । ସେହିପରି ହେମକାପଦା ହରଗୌରୀ କୈବର୍ତ୍ୟ ସଂଘ ପକ୍ଷରୁ ଆୟୋଜିତ ହରଗୌରୀ ପୂଜାର୍ଚ୍ଚନା ଧୁମଧାମରେ ପାଳିତ ହୋଇଯାଇଛି । ଗୁରୁବାର ଏବଂ ଶୁକ୍ରବାର ୨ଦିନ ଭୋଗରାଇ ଅଂଚଳ ପକ୍ଷରୁ ଯାତ୍ରା ପ୍ରଦର୍ଶନ କରାଯିବ । ଆସନ୍ତା ଶନିବାର ହରଗୌରୀ ମେଢ଼କୁ ଶୋଭାଯାତ୍ରାରେ ନିଆଯାଇ ବାଲିଘାଟ ଠାରେ ବିସର୍ଜନ କରାଯିବ ବୋଲି ସଂଗଠନର ସଭାପତି ଗଂଗାଧର ବେହେରା, ସାଧାରଣ ସମ୍ପାଦକ ବଂଶୀଧର ଦଳେଇ, କୋଷାଧ୍ୟକ୍ଷ ଭାଗିରଥି ବେହେରା ସୂଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬'ର ଉଦ୍‌ଘାଟନୀ ଉତ୍ସବ



ଜଗତସିଂହପୁର(ନିପ୍ର): ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ୨୦୨୬ ଓ ଜଗତସିଂହପୁର ଜିଲ୍ଲା ମହୋତ୍ସବ କଲ୍ଲୋଳ ର ଉଦ୍ ?ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉତ୍ସବକୁ ଉଦ୍‌ଘାଟନ କରିବା ସହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା ଶ୍ରୀ ଗୋକୁଳାନନ୍ଦମଲ୍ଲିକ କହିଲେ ଜଗତସିଂହପୁର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା । କଳା, ସଂସ୍କୃତି, ଐତିହ୍ୟ ଓ ଶିକ୍ଷା କ୍ଷେତ୍ରରେ ଏ ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସାଂସ୍କୃତିକ ବିବିଧତାର ପ୍ରାଣବନ୍ତ ପ୍ରତିଛବି ହେଉଛି ଜିଲ୍ଲା ମହୋତ୍ସବ କଲ୍ଲୋଳ । ଏହା ହସ ଓ ଆନନ୍ଦ ଉଲ୍ଲାସ ର ପର୍ବ । ଏହି ମାଟିର ସୁଯୋଗ୍ୟ ସନ୍ତାନମାନେ ଉତ୍କଳ ପ୍ରଦେଶ ଗଠନରେ ଅଗ୍ରଣି ଭୂମିକା ଗ୍ରହଣ କରିଥିଲେ । ଏହା ଏକ ଲଢୁଆ ଜିଲ୍ଲା । ସାହିତ୍ୟ, ସଂସ୍କୃତି, ପରମ୍ପରା, ଶିକ୍ଷା, ଶିଳ୍ପ କ୍ଷେତ୍ର ରେ ଏ ଜିଲ୍ଲା ର ଅବଦାନ ସାନ ସିନା ଦାନ ତା ମହାନ ପରି । ଆଜିର ଯୁବପିଢ଼ି ଜିଲ୍ଲାର ସେହି ଇତିହାସକୁ ଜାଣିବା ଦରକାର ।ଦଳମତ ନିର୍ବିଶେଷରେ ସମସ୍ତେ ଜିଲ୍ଲା ତଥା ରାଜ୍ୟର ଉନ୍ନତି ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଓଡ଼ିଶା ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ସବୁ ଓଡ଼ିଶାବାସୀ ଓଡ଼ିଆ ଭାବେ ଗର୍ବ କରିବା ଉଚିତବୋଲି ସେ କହିଥିଲେ ।ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଅସ୍ମିତାକୁ ଘରେ ଘରେ ପହଂଚାଇବା ପାଇଁ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ବିଷୟ ରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମାନ୍ୟବର ସାଂସଦ, ଜଗତସିଂହପୁର ବିଭୂ ପ୍ରସାଦ ତରାଇ କହିଲେ ଜିଲ୍ଲା ର ଉନ୍ନତି ଓ ଅଭିବୃଦ୍ଧି ଆମ ସମସ୍ତଂକର କର୍ତବ୍ୟ । ଜିଲ୍ଲା ପ୍ରତି ସମର୍ପଣ ଭାବ ରହିଲେ ଜିଲ୍ଲା ଓଡ଼ିଶା ମାନଚିତ୍ର ରେ ବିକଶିତ ଜିଲ୍ଲା ହୋଇପାରିବସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ର ମାନଙ୍କ ବଳିଦାନ ଜଗତସିଂହପୁର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଏନ୍ତୁଡ଼ିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ କହିଲେ ଜିଲ୍ଲା ଗଠନ ହେବା ପରେ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି । ଜିଲ୍ଲା ପ୍ରଗତି ପଥରେ ଆଗେଇ ଚାଲିଛି ଏବଂ ଆମେ ସମସ୍ତେ ଏକତ୍ରିତ ହୋଇ ଜିଲ୍ଲାକୁ ଆହୁରି ଆଗକୁ ଆଗେଇ ନେବା । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ବାଲିକୁଦା-ଏରସମା ସାରଦା ପ୍ରସନ୍ନ ଜେନା କହିଲେ ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବାରେ ଜଗତସିଂହପୁର ଜିଲ୍ଲାର ବରପୁତ୍ରମାନଙ୍କ ଅବଦାନ ରହିଛି । ଜଗତସିଂହପୁର ଜିଲ୍ଲା କଳା, ସାହିତ୍ୟ ଓ ଐତିହ୍ୟ ପାଇଁ ଗୌରବନ୍ୱିତ । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ଶ୍ରୀଯୁକ୍ତ ମନୋଜ କୁମାର ଭୋଇ ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ର ଙ୍କ ଭୂମିକା ଓ ଜଗତସିଂହପୁର ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ଅଙ୍କିତ କୁମାର ବର୍ମା କହିଲେ ଜିଲ୍ଲା ମହୋତ୍ସବ କଲ୍ଲୋଳ ଆମର କଳା, ସଂସ୍କୃତି ଓ ପରମ୍ପରା କୁ ଉଜ୍ଜିବୀତ କରିଛି । ଜିଲ୍ଲା ର ଉନ୍ନତି ପ୍ରଗତି ଜିଲ୍ଲାବାସୀଙ୍କ ର କାମ୍ୟ । ଏହି ଉତ୍ସବରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଅଧକ୍ଷତା କରି କହିଲେ ପଆଜି ହେଉଛି ସେହି ଦିବସ ଯେଉଁ ଦିବସରେ ସମଗ୍ର ଭାରତ ବର୍ଷରେ ଏକ ଭାଷାଭିତିକ ରାଜ୍ୟ ଗଠନ ହୋଇଥିଲା । ସେହି ରାଜ୍ୟଟି ଆମ ଜନ୍ମଭୂମି ଓଡିଶା । ଓଡ଼ିଶା ଦିବସ ସହିତ ଜିଲ୍ଲା ଉତ୍ସବ କଲ୍ଲୋଳ ୫ ଦିନ ବ୍ୟାପି ଚାଲିବ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତା, ଦେଶାତ୍ମବୋଧକ ସଂଗୀତ ଓ ଜଣା ଅଜଣା ପ୍ରତିଯୋଗିତା, ଚିତ୍ରାଙ୍କନ, ମୋ ସ୍ୱପ୍ନ ର ଓଡ଼ଶା ଆଧାରିତ ପ୍ରକଳ୍ପ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ ଧନ୍ୟବାଦ ଅର୍ପଣ କରିଥିଲେ । ସକାଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ରାମଧୂନ୍ ସହରରେ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରଭାତ ଫେରିରେ ଆସି ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ମିଳିତ ହୋଇଥିଲେ । ସେଠାରେ ପୁରୋହିତପୁର ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ପିଲା ମାନଙ୍କୁ ଓଡ଼ିଶାର ଇତିହାସକୁ ଜାଣିବା ପାଇଁ ଉପଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରାକୁ ଜିଲ୍ଲାପାଳ ଶୁଭ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଦିବସ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ କରାଯାଇଛି ।

# ପ୍ରବଳ ଖରାରେ ସିଝିବେ ଛାତ୍ରଛାତ୍ରୀ : ଶିକ୍ଷା ବିଭାଗର ନିଷ୍ପତିକୁ ନେଇ ଅସନ୍ତୋଷ

ଧାମନଗର(ନିପ୍ର): ରାଜ୍ୟରେ ଏପ୍ରିଲ ମାସ ଆରମ୍ଭରୁ ହିଁ ଖରା ର ପ୍ରକୋପ ଅସହ୍ୟ ହେଲାଣି । ପ୍ରତିବର୍ଷ ଏହି ସମୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଖର ରୌଦ୍ରତାପରୁ ରକ୍ଷା କରିବା ପାଇଁ ସରକାର 'ସକାଳୁଆ ସ୍କୁଲ' ନିର୍ଦ୍ଦେଶ ଦେଇଥାନ୍ତି । ମାତ୍ର ଚଳିତ ବର୍ଷ ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗର ଏକ ଆକସ୍ମିକ ନିଷ୍ପତି ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଗତ ବୁଧବାର ରାତିରେ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ନିମ୍ନସ୍ତରୀୟ କର୍ମଚାରୀଙ୍କୁ ହଠାତ୍ ଏକ ବାର୍ତା ପ୍ରେରଣ କରାଯାଇଛି, ଯେଉଁଥିରେ ସକାଳ ୧୦ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ସମୟରେ ରାସ୍ତାଘାଟରେ ଚାଲିବା କଷ୍ଟକର ହୋଇପଡୁଛି, ସେଭଳି ସ୍ଥିତିରେ କୋମଳମତି ପିଲାମାନେ ଦିନ ୪ ଟା ପର୍ଯ୍ୟନ୍ତ କିଭଳି ବିଦ୍ୟାଳୟରେ ରହିବେ ଏବଂ ଖରାରେ ଘରକୁ ଫେରିବେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସାଧାରଣତଃ ଏପ୍ରିଲ ୨ ତାରିଖରୁ ଖରାକୁ ଦୃଷ୍ଟିରେ ରଖି ଶିକ୍ଷା ବର୍ଷର ସମୟ ନିର୍ଘଂଟ ରେ ପରିବର୍ତନ କରାଯାଇଥାଏ । ମାତ୍ର ଜିଲ୍ଲା ଶିକ୍ଷା ବିଭାଗର ଏହି ବିଳମ୍ବିତ ରାତିର ନିଷ୍ପତି ପଛରେ କି ଯୁକ୍ତି ରହିଛି, ତାହା ଅସ୍ପଷ୍ଟ । ଅଭିଭାବକମାନଙ୍କ କହିବା କଥା, 'ଯଦି ପିଲାମାନେ ଅଂଶୁଘାତର ଶିକାର ହୁଅନ୍ତି, ତେବେ ଏଥିପାଇଁ କିଏ ଦାୟୀ ରହିବ' । ବୁଧବାର ରାତିରେ ମେସେଜ ଜରିଆରେ ନୂଆ ସମୟ ସୂଚୀ ଜାରି କାହିଁକି ହେଲା, ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ୧୦-୪ ସମୟ ସୀମା ଅମାନୁଷିକ । ତୁରନ୍ତ ସକାଳୁଆ ସ୍କୁଲ ବ୍ୟବସ୍ଥା ଲାଗୁ କରିବାକୁ ସମସ୍ତ ଅଭିଭାବକ ମହଲରୁ ଦାବି ହେଉଛି ।ସରକାର ଏବଂ ଉଚ୍ଚ ପଦସ୍ଥ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଜରୁରୀ । ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ନିଷ୍ପତି ନେଉଥିବା ଅଧିକାରୀମାନେ ତୃଣମୂଳ ସ୍ତରର ପରିସ୍ଥିତି ଏବଂ ଖରାରେ ସ୍କୁଲ ଯାଉଥିବା ପିଲାଙ୍କ କଷ୍ଟକୁ ବୁଝିବା ଆବଶ୍ୟକ ।

# ପ୍ରଧାନଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ଅଧିନସ୍ଥ ସର୍ଦ୍ଧାରବନ୍ଧ ପଂଚାୟତର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ୧୯୮୮ ମସିହାରେ ସ୍ଥାପିତ ହୋଇଅଛି । ଏହି ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଅଧ୍ୟୟନ କରି ବିଭିନ୍ନ ପଦପଦବୀରେ କାର୍ଯ୍ୟରତ ରହି ସୁନାମ ଅର୍ଜନ କରିଛନ୍ତି । ବୁଧବାର ଏହି ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ସୀତାରାମ ରାଉତ ଅବସର ନେଇଗଲେ । ଏହାସହ ପୁରାତନ ଛାତ୍ର ସଂସଦର ସଭ୍ୟ/ସଭ୍ୟା ମାନଙ୍କ ଦ୍ୱାରା ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ରଖିଥିଲେ । ପୂର୍ବରୁ ଅବସର ନେଇଥିବା ଭାସ୍କର ଚନ୍ଦ୍ର ଘଡ଼େଇ ଓ ଦିଲ୍ଲୀପ କୁମାର ଘଡ଼େଇଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦିବା ୧୧ ଘଟିକାରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ ସବିତା ସିଂଙ୍କ ତତ୍ତ୍ୱାବଧାନରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସଭାର ସଭାପତିତ୍ୱ ବିଦ୍ୟାଳୟର କାର୍ଯ୍ୟକାରି କମିଟିର ସଭାପତି ଦୀଲିପ କୁମାର ସାମଲ କରିଥିବା ବେଳେ, ମଂଚ ଆହ୍ୱାନ ପୁରାତନ ଛାତ୍ର ସଂସଦର ଛାତ୍ର ହରେନ୍ଦ୍ର ମହାନ୍ତ କରିବାସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ପୂର୍ବତନ ସରକାରୀ ଶିକ୍ଷକ ତଥା ରାଜ୍ୟ ସଭାପତି ଓଷ୍ଟାର ଅକ୍ଷୟ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଭାପତି ଓଷ୍ଟାର ମନରଞ୍ଜନ ଦାସ, ସମ୍ମାନୀତ ଅତିଥିଙ୍କ ଭିତରୁ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସନତ କୁମାର ମହାନ୍ତ, ଗଣେଶ ସୋରେନ, ବ୍ଲକ ସଭାପତି ପ୍ରାଥମିକ ଶିକ୍ଷକ ସଂଘ ଜଳେଶ୍ୱରର ପ୍ରଦୀପ କୁମାର ଜେନା ଉପସ୍ଥିତ ହୋଇ ଅବସରକାଳୀନ ବିଭିନ୍ନ ଭାବପ୍ରବଣତାର ଅଭିଭାଷଣ ରଖିଥିଲେ । ଏହାସହ ପୁରାତନ ଛାତ୍ର ସଂସଦର ସଭ୍ୟ ପ୍ରଦୀପ କୁମାର ସିଂ, କାହ୍ନାଇ ଟୁଡୁ, ନିତ୍ୟାନନ୍ଦ ଦଣ୍ଡପାଟ, ବ୍ରିଜେଶ ରଣା, ନିର୍ମଳ ମହାନ୍ତ, ରାମକୃଷ୍ଣ ସରେନ, ସୁବାଷ ଦାସ, ସିପେନ ସିଂ, ଶାଲଖାନ ହେମ୍ବ୍ରମ, ଲବ ମହାନ୍ତ, ତାପସ ମହାନ୍ତିଙ୍କ ସହ ଅନ୍ୟାନ୍ୟ ପୁରାତନ ଛାତ୍ରଛାତ୍ରୀ ମାନେ ଅଭିଭାଷଣରେ ବିତାଇଥିବା ବିଦ୍ୟାଳୟର ଅତିତର ସ୍ମୃତିକୁ ଉଜ୍ଜୀବିତ କରି ବିଦ୍ୟାଳୟର ଶିକ୍ଷାଦାନକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ବର୍ତମାନ ଏହି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ସର୍ବମୋଟ ୫୫ଜଣ ଛାତ୍ରଛାତ୍ରୀଙ୍କୁ ୨ଜଣ ଶିକ୍ଷକ । ଛାତ୍ରଛାତ୍ରୀଙ୍କ ପାଠପଢ଼ାର ବ୍ୟାଘାତ ହେବାକୁ ନେଇ ଉଦବେଗ ପ୍ରକାଶ ସହ ଶିକ୍ଷକ ନିଯୁକ୍ତି କିପରି ହେବ ଓ ହଷ୍ଟେଲ ସୁବିଧାସୁଯୋଗ କରି ଅଧିକ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ କିପରି ସାମିଲ କରାଯିବ ପ୍ରସ୍ତାବ ରଖିଥିଲେ । ସମସ୍ତ ଅତିଥିଙ୍କୁ ଫୁଲଗୁଚ୍ଛ ସହ ଉତରୀ ଦେଇ ସମ୍ମାନିତ କରାଯାଇ ଥିଲା । ଅବସର ଓ ବଦଳି ହୋଇ ଯାଇଥିବା ଛଅଜଣ ଶିକ୍ଷକଙ୍କୁ 'ଶିକ୍ଷକ ଶ୍ରୀ ସମ୍ମାନ', 'ସମ୍ବର୍ଦ୍ଧନା କୈବଲ୍ୟ ' ଓ 'ସମ୍ବର୍ଦ୍ଧନା କୌସ୍ତୁଭ' ଭଳି ମାନପତ୍ର ଓ ଟସରର ସାଲ ଅର୍ପଣ କରାଯାଇଥିଲା । ସଭା ଶେଷରେ ବିଦ୍ୟାଳୟର ସହଶିକ୍ଷକ ବିନୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଳିତ ଆର୍ଥିକ ବର୍ଷରେ ସର୍ବାଧିକ ପଣ୍ୟ ପରିଚାଳନା କରି ପାରାଦୀପ ବନ୍ଦରର ଐତିହାସିକ ସଫଳତା



ପାରାଦୀପ(ନିପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଆର୍ଥିକ ବର୍ଷ ୨୦୨୫-୨୬ ରେ ନିଜ ଇତିହାସର ସର୍ବାଧିକ ପଣ୍ୟ ପରିଚାଳନା କରି ଏକ ନୂତନ ମାଇଲଖୁଂଟ ସୃଷ୍ଟି କରିଛି । ପାରାଦୀପ ବନ୍ଦର ୧୫୬.୪୫ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) ପଣ୍ୟ କାରବାର କରି "୧୫୫ + ଏମଏମଟି କ୍ଲବ୍"ରେ ସାମିଲ ହୋଇଛି, ଯାହା ୧୯୬୬ ରୁ ପଣ୍ୟ ପରିଚାଳନା ଆରମ୍ଭ ହେବା ପରେ ସର୍ବୋତମ ପ୍ରଦର୍ଶନ । ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪.୦୧% ଅଭିବୃଦ୍ଧି ଘଟିଛି । ପ୍ରତିକୂଳ ବଜାର ପରିସ୍ଥିତି ସତ୍ତ୍ୱେ, ଯେଉଁଠାରେ ଲୌହ ଧାତୁ ରପ୍ତାନିରେ ହ୍ରାସ ଓ ପଶ୍ଚିମ ଏସିଆ ସଂକଟର ପ୍ରଭାବରେ ଚୁନପଥର ଏବଂ ସାର କଂଚାମାଲ ଆମଦାନି ପ୍ରଭାବିତ ହୋଇଥିଲା । ଏଥିରେ ବ୍ୟତିକ୍ରମ ସାଜି ପାରାଦୀପ ବନ୍ଦର ପୂର୍ବ ଉପକୂଳର ସମସ୍ତ ବନ୍ଦରମାନଙ୍କ ମଧ୍ୟରେ ନେତୃତ୍ୱ ରଖିବାରେ ସଫଳ ହୋଇଛି । ପାରାଦୀପ ବନ୍ଦର ଭାରତର ସର୍ବୋତମ ବୃହତମ ବନ୍ଦର ଭାବେ ନିଜ ସ୍ଥାନ ଅତୁଟ ରଖିଛି ଓ ସର୍ବାଧିକ ବର୍ଥ ଉତ୍ପାଦନକ୍ଷମ ରେକର୍ଡ କରିଛି । ପ୍ରତିଦିନ ପ୍ରତ୍ୟକ ବର୍ଥ ର ଉତ୍ପାଦନ କ୍ଷମତା ୩୫.୦୫୯ ରହିଥିବା ବେଳେ ଜାତୀୟ ସର୍ବମାନ୍ୟ ମାନ ପ୍ରାୟ ୧୮.୦୦୦ ମେଟ୍ରିକ ଟନ ରହିଛି, ଯାହାଠାରୁ ଏହା ପ୍ରାୟ ଦୁଇଗୁଣା । ସୁଦୃଢ଼ ପ୍ରଣାଳୀଗତ ସୁଧାର ଓ କାର୍ଯ୍ୟକୁଶଳତା ବୃଦ୍ଧି ଏହି ସଫଳତାର ମୂଳ କାରଣ । କୋଷ୍ଟାଲ ପଣ୍ୟ ପରିଚାଳନା ୪୨.୦୬% (୬୫.୮୧ ଏମଏମଟି) ଅଂଶ ରଖି ପାରାଦୀପକୁ ଭାରତର ମୁଖ୍ୟ ବନ୍ଦରମାନଙ୍କ ମଧ୍ୟରେ କୋଷ୍ଟାଲ ଶିପିଂରେ ଶୀର୍ଷ ସ୍ଥାନରେ ରଖିଛି । ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ପଣ୍ୟ ଶ୍ରେଣୀରେ ସ୍ୱଷ୍ଟ ବୃଦ୍ଧି ଦେଖାଯାଇଛି । ପେଟ୍ରୋଲିୟମ, ତେଲ ଓ ଲ୍ୟୁବ୍ରିକାଂଟସ୍ (ପିଓଏଲ) ପରିଚାଳନାରେ ୨୫.୬୮% ବୃଦ୍ଧି ହୋଇଥିବାବେଳେ, ଇସ୍ପାତ ପଣ୍ୟରେ ୪୩% ବୃଦ୍ଧି ରେକର୍ଡ ହୋଇଛି । କୋଇଲା ପରିଚାଳନାରେ ୪.୪୪% ବୃଦ୍ଧି ପାଇଛି ଓ କଂଟେନର ଟ୍ରାଫିକ୍ ୭.୭୭% ବୃଦ୍ଧି ହୋଇଛି । ଏହା ସହିତ ଫ୍ଲକ୍ସ ପରିଚାଳନାରେ ୧୮.୩୨% ବୃଦ୍ଧି ଓ ଏଲପିଜି ପରିଚାଳନାରେ ୧୦୫% ର ଅସାଧାରଣ ବୃଦ୍ଧି ପାରାଦୀପ ବନ୍ଦରର ସମଗ୍ର ପଣ୍ୟ ପରିଚାଳନାରେ ଦୃଢ଼ ପ୍ରଦର୍ଶନକୁ ପ୍ରକାଶ କରେ ।ବନ୍ଦରର ବିଶାଳ ହିନ୍ଟରଲ୍ୟାଣ୍ଡ, ଯେଉଁଠାରେ ଲୌହ ଧାତୁ, କୋଇଲା ଓ ଚୁନପଥରର ପ୍ରଚୁର ଭଣ୍ଡାର ରହିଛି, ତା ସହିତ ମୁଖ୍ୟ ଇସ୍ପାତ କାରଖାନା ଓ ସାର ଶିଳ୍ପଗୁଡ଼ିକର ଉପସ୍ଥିତି ପଣ୍ୟ ବୃଦ୍ଧିକୁ ଅଗ୍ରସର କରୁଛି । ସେହିପରି ଟର୍ମିନାଲ ଅପେରେଟରମାନଙ୍କ ମଧ୍ୟରୁ କଳିଙ୍ଗ ଇ[ରନ୍ୟାସନାଲ କୋଲ ଟର୍ମୀନାଲ ପ୍ରାଇଭେଟ ଲିମିଟେଡ଼ ୧୮.୯୨% ବୃଦ୍ଧି ଓ ପାରାଦୀପ ଇ[ରନ୍ୟାସନାଲ କାର୍ଗୋ ଟର୍ମୀନାଲ ୧୯.୫୩% ବୃଦ୍ଧି ସହିତ ନିଜର ସର୍ବୋତମ ପ୍ରଦର୍ଶନ କରିଛନ୍ତି । ଆର୍ଥିକ କ୍ଷେତ୍ରରେ ମଧ୍ୟ ପାରାଦୀପ ବନ୍ଦର ନୂତନ ମାଇଲଷ୍ଟୋନ ସୃଷ୍ଟି କରିଛି । ପ୍ରଥମଥର ପାଇଁ ନେଟ୍ ସର୍ପ୍ଲସ୍ ୨୦୦୦ କୋଟି ଅତିକ୍ରମ କରିଛି ଓ ଅପରେଟିଂ ରେସିଓ ୩୧% ରହିଛି, ଯାହା ଏପର୍ଯ୍ୟନ୍ତ ସର୍ବୋତମ । ଭବିଷ୍ୟତ ଯୋଜନାରେ ୨୫ ଏମଏମଟିପିଏ ୱେଷ୍ଟର୍ନ ଡକ୍ ପ୍ରକଳ୍ପ (ଏମ/ଏସ ଜେପିପିଏଲ) ଦ୍ୱାରା ଦ୍ରୁତଗତିରେ ଅଗ୍ରସର ହେଉଛି ଓ ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା ରହିଛି । ଏହା ସହିତ ଗ୍ରୀନ୍ ହାଇଡ୍ରୋଜେନ/ଅମୋନିଆ ଏକ୍ସପୋର୍ଟ ଟର୍ମିନାଲ ସ୍ଥାପନ ପାଇଁ ପ୍ରସ୍ତୁତି ଚାଲିଛି । ୨୦୩୦ ପୂର୍ବରୁ ପାରାଦୀପ ବନ୍ଦରକୁ ଦେଶର ପ୍ରଥମ ପୂର୍ଣ୍ଣ ଯାନ୍ତ୍ରିକୀକୃତ ବଲ୍କ ପୋର୍ଟ ଭାବେ ଗଢ଼ି ତୋଳିବା ନେଇ ଲକ୍ଷ୍ୟ ରହିଛି ।

# ୯୧ତମ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ



ନୟାଗଡ଼(ନିପ୍ର): ଜିଲ୍ଲା ସ୍ତରୀୟ ଓଡିଶା ଦିବସ ନୟାଗଡ଼ ଜିଲ୍ଲାରେ ମହାସମାରୋହରେ ପାଳନ ହୋଇଯାଇଛି କ୍ଷ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସକାଳ ଘ.୬. ୩୦ମି. ସମୟରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇ ଥିଲା । ଏହା ପରେ ନୟାଗଡ଼ ପୌର ପରିଷଦ ମଧ୍ୟରେ ଅବସ୍ଥାପିତ ବିଭିନ୍ନ ସ୍ଥାନରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅଧକ୍ଷ, ଜ୍ଜିଲ୍ଲାପରିଷଦ, ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ)ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଜୟା ନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ, ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନ ସାଧାରଣ ସାମିଲ ହୋଇଥିଲେ କ୍ଷ ଏହାପରେ ପଠାଣି ସାମନ୍ତ ସଂସ୍କୃତି ଭବନ ନୟାଗଡ଼ ଠାରେ ଦିବା ୧୧ ଘଟିକା ସମୟରେ ଏକ ଫ୍ୟାନସି ଡ୍ରେସ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ପରେ ପରେ ଜିଲ୍ଲା ପ୍ରଶାସନ ଓ ଉତ୍କଳ ସମ୍ମିଳନୀ ନୟାଗଡ଼ ଶାଖା ଦ୍ୱାରା ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀ, ଉତ୍କଳ ସମ୍ମିଳନୀ, ନୟାଗଡ ଶାଖା ର ସଭାପତି, ଅରୁଣ କୁମାର ମହାନ୍ତି ଏବଂ ଅନ୍ୟମାନେ ଯୋଗ ଦେଇଥିଲେ । ସନ୍ଧ୍ୟା ଘ. ୬. ୩୦ମି. ସମୟରେ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ଯେ ନୟାଗଡ଼ ଜିଲ୍ଲାର ଉନ୍ନତି ଉପରେ ନିର୍ଭର କରେ ବିକଶିତ ଓଡ଼ିଶା ର ସ୍ୱପ୍ନ । ତାଙ୍କ ପିଲାଦିନ ର ସ୍ମୃତି ରେ ଓଡ଼ିଶା ଦିବସ ବିଷୟରେ କହିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କର ମନ କି ବାତ ନାରା ପ୍ରସଙ୍ଗରେ କହିଲେ ସବକା ସାଥ ସବ୍‌କା ବିକାଶ ଭାରତର ଉନ୍ନତି ପୁର୍ବ ଭାରତର ରାଜ୍ୟ ମାନଙ୍କର ବିକାଶ ଉପରେ ନିର୍ଭର କରେ । ସେହିପରି ମାନ୍ୟବର ବିଧାୟକ ନୟାଗଡ଼ , ଡଃ ଅରୁଣ କୁମାର ସାହୁ/ ମାନ୍ୟବର ବିଧାୟକ ଖଣ୍ଡପଡ଼ା, ଦୁଷ୍ମନ୍ତ କୁମାର ସ୍ୱାଇଁ/ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଅନୁରୂପ ଭାବେ ନୟାଗଡ଼ ଜିଲ୍ଲାର ଉନ୍ନତି ଉପରେ ବକ୍ତବ୍ୟ ରଖିଥିଲେ । ମାନ୍ୟବର ବ, ଅଧକ୍ଷ ଜିଲ୍ଲା ପରିଷଦ, ଇଂ ଦେବାଶିଷ ପଟ୍ଟନାୟକ ମାତୃଭୂମି, ମାତୃଭାଷା ପ୍ରତି ଅନୁରାଗ ରଖିବାକୁ ଆହ୍ୱାନ କରିଥିଲେ । ଅଧକ୍ଷା, ପୋର ପରିଷଦ, ନୟାଗଡ଼, ନିରୁପମା ଖଟେଇ ଅନୁରୁପ ବାର୍ତା ରଖିଥିଲେ । ସମ୍ମାନନୀୟା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ଓଡ଼ିଶା ଦିବସ ଉପଲକ୍ଷେ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ମଧୁମିତା ରଥ ଏଥିରେ ସଭାପତିତ୍ୱ କରିଥିଲେ । ବୈଠକର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା କ୍ଷ ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା । ଓଡିଶା ଦିବସ ଉପଲକ୍ଷେ ବରେଣ୍ୟ ଅତିଥିମାନଙ୍କୁ ଉତରୀୟ ଏବଂ ଚାରା ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ଓଡିଶା ଦିବସ ଉପଲକ୍ଷେ ହୋଇଥିବା ଜିଲ୍ଲା ସ୍ତରୀୟ ବକ୍ତୃତା ଏବଂ ପ୍ରବନ୍ଧ, ଫାନସି ଡ୍ରେସ, କୁଇଜ ପ୍ରତିଯୋଗିତାରେ ୨୦ କୃତି ଛାତ୍ର ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଶିକ୍ଷକ ସୋମନାଥ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିପଦା(ନିପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୋମନାଥ ସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ସମଗ୍ର ଶିକ୍ଷା, ମୟୁରଭଞ୍ଜ ର ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ, ଏଫ ସି ଅଶୋକ କୁମାର ସାମଲ, ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ହରେକୃଷ୍ଣ ବାରିକ, ପ୍ରଦୀପ କୁମାର ନାଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ସାଇ କୋଚ ବିନୋଦ ରାମ, ତ୍ରିରଙ୍ଗା କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମାଜସେବୀ ଅମର କୁମାର ସେଠି, ସରୋଜ ମହାପାତ୍ର ( ଲିଟନ ), ଡଃ ନିରୋଜ କୁମାର ପୋଥାଳ, ଚିତରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ମହାନ୍ତି, ନବକିଶୋର ପାଲବାବୁ, ବଳରାମ ନାଥ, ଡଃ ଅସୀମ କୁମାର ଚକ୍ରବର୍ତୀ, କମଳ ମହାକୁଡ଼, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ତଥା ସମାଜ ପାଇଁ ଶ୍ରୀ ସିଂହ ଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକ ପାତ କରିବା ସହ ପରବର୍ତୀ ସୁଖମୟ ଜୀବନ କାମନା କରିଥିଲେ ଓ ଏହି ଅବସରରେ ସ୍ୱତନ୍ତ୍ର ରିଲିଫ କମିଶନର ତଥା ପୂର୍ବତନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ଏବଂ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ପ୍ରଦାନ କରିଥିବା ଅଭିନନ୍ଦନ ପତ୍ରକୁ ଡି ସି ପି ଓ ଶ୍ରୀମତୀ ବିଶ୍ୱାଳ ପାଠ କରିଥିଲେ ଓ ତ୍ରିରଙ୍ଗା କ୍ଲବ, ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ / ଶିକ୍ଷୟତ୍ରୀ ଓ ହଷ୍ଟେଲର କର୍ମକର୍ତା ଶ୍ରୀ ସିଂହଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ଓ ଶେଷରେ ଶ୍ରୀ ସିଂହ ଏହି ସମ୍ବର୍ଦ୍ଧନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ବିଦ୍ୟାଳୟ ତଥା ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଶିକ୍ଷକ ଗଣେଶ ବେହେରା ମଂଚ ପରିଚାଳନା କରିଥିଲେ ।











ନିଜର ସୀମାରେଖା ବିଷୟରେ ଯିଏ ସଚେତନ, ସିଏ ନିଶ୍ଚୟ ନୀତିବାଦୀ ।

# ଆଜିକାଲି



*ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ*
*ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*
*ଭାବାର୍ଥ:ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।*

## ଘରୋଇ ହିଂସା

ଘର ଭିତରେ ମହିଳାଙ୍କ ପ୍ରତି ହେଉଥିବା ହିଂସା, ଅତ୍ୟାଚାର ନିର୍ଯ୍ୟାତନାକୁ ଅପରାଧ ଭୁକ୍ତ କରାଯିବା ସହ ପରିବାର ଭିତରେ ମହିଳାଙ୍କୁ କେତେକ ଅଧିକାର ପ୍ରଦାନ କରାଯାଇଛି । ଏହି ଆଇନ ମଧ୍ୟ ମହିଳାଙ୍କ ପ୍ରତି ଶାରିରୀକ, ମାନସିକ, ଯୌନ ଏବଂ ଆର୍ଥୀକ ନିର୍ଯ୍ୟାତନାକୁ ଘରୋଇ ହିଂସା ଭାବେ ଆଇନରେ ସ୍ୱୀକୃତି ଦିଆଯାଇଥିଲା । ଆହୁରି ମଧ୍ୟ ଆଇନ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇବା ଥିବା ସେମାନଙ୍କ ଅଧିକାର ସମ୍ପର୍କରେ ଏବେ ବି ସଚେତନ ନଥିବା ମନେହୁଏ । କେତେକ ବିଶ୍ୱାସ କରନ୍ତି ଯେ, କେବଳ ଶାରିରୀକ ନିର୍ଯ୍ୟାତନା ମାଡ ହେଉଛି ଘରୋଇ ହିଂସା । ଏହା ମଧ୍ୟ ନିସନ୍ଦେହ ଯେ, ଗ୍ରାମାଚଂଳ ଏବଂ ଅବହେଳିତ ସମାଜରେ ପତ୍ନୀଙ୍କୁ ମାଡ ଘଟଣାରେ ଏହି ଆଇନ ସହାୟତା ପ୍ରଦାନ କରେ ନାହିଁ । କାରଣ ଗାଁ ଗହଳି ଦୁର୍ଗମ ଅଂଚଳରେ ଘରୋଇ ହିଂସା ଘର ଭିତରେ ସୀମାବଦ୍ଧ ହୋଇ ରହିଯାଏ । କାରଣ ମହିଳାମାନେ ନିର୍ଯାତନା, ମାଡ ନେଇ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ବା ଅଭିଯୋଗ କରିବା ପାଇଁ କୁଣ୍ଠିତ । ଏହାର ମୂଳକାରଣ ହେଉଛି ସାମାଜିକ, ଆର୍ଥୀକ ଦୁରାବସ୍ଥା ଏବଂ ସମର୍ଥନର ଅଭାବ ଆଶଙ୍କା ଆହୁରି ମଧ୍ୟ ଆଇନରେ ଥିବା ବ୍ୟବସ୍ଥା ତଥା ସୁରକ୍ଷା ନିର୍ଦ୍ଦେଶ, ଆର୍ଥୀକ ସହାୟତା ଏବଂ ଅଧିକାର ସତ୍ୱେ ପରିବାର ବିରୁଦ୍ଧରେ ଯିବା ଲାଗି ପିଡିତା ମହିଳା ଆଇନର ସହାୟତା ନେବା ଲାଗି ଆଗ୍ରହୀ ନୁହଁନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ -୫(୨୦୧୯-୨୧) ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ଘରୋଇ ହିଂସା ବିରୁଦ୍ଧରେ ପଦକ୍ଷେପ ନେବା କ୍ଷେତ୍ରରେ ମହିଳାଙ୍କ ଅସହାୟତା ନେଇ ସଂକେତ ପ୍ରଦାନ କରୁଛି । ରିପୋର୍ଟରେ ପ୍ରକାଶ ପାଇଛି ଯେ, ଶାରିରୀକ କିମ୍ୱା ଯୌନ ନିର୍ଯ୍ୟାତନାର ଶିକାର ମହିଳାଙ୍କ ମଧ୍ୟରୁ ମାତ୍ର ୧୪ପ୍ରତିଶତ ମହିଳା ଆଇନର ସହାୟତା ନେଇଥାନ୍ତି । ଏପରିକି ମାନସିକ କିମ୍ୱା ଆର୍ଥୀକ ଗାଳିମନ୍ଦ ଘଟଣା ଅଭିଯୋଗରେ ଆଦୌ ଦୃଷ୍ଟିଗୋଚର ହୋଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁୟାରୀରୁ ମେ' ମାସ ମଧ୍ୟରେ ଜାତୀୟ ମହିଳା କମିଶନରେ ଦାୟର ହୋଇଥିବା ମାମଲାଗୁଡିକ ମଧ୍ୟରେ ଘରୋଇ ହିଂସା ଅଭିଯୋଗ ଶୀର୍ଷରେ ରହିଛି । ସେହିପରି ୨୦୨୪ରେ ଜାତୀୟ ମହିଳା କମିଶନଙ୍କ ନିକଟରେ ଦାଖଲ ହୋଇଥିବା ମୋଟ ଅଭିଯୋଗ ମଧ୍ୟରେ କେବଳ ଘରୋଇ ହିଂସା ହେଉଛି ୨୪ପ୍ରତିଶତ ବୋଲି କୁହାଯାଇଛି । ବହୁ ଅଭିଯୋଗ ଲୋକଲୋଚନକୁ ଆସିନଥିବା ବେଳେ ଦେଶରେ ମହିଳା ବିରୋଧୀ ହିଂସା କେତେ ବ୍ୟାପକ, ତାହା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏହା ନିସନ୍ଦେହ ଯେ, ତଥ୍ୟର ଅଭାବ ଏବଂ ଅଦାଲତରେ ବିଚାରଧୀନ ବା ପଡିରହିଥିବା ମାମଲାଗୁଡିକୁ ଏକତ୍ର କଲେ, ଦେଶରେ ଘରୋଇ ହିଂସା ବିରୋଧି ଆଇନ କାର୍ଯ୍ୟକାରିତା ଯେ, ସନ୍ତୋଷଜନକ ନୁହେଁ, ଏହା ସ୍ପଷ୍ଟ ସୂଚନା ପ୍ରଦାନ କରେ । ଦେଶର ବିଭିନ୍ନ ଅଦାଲତ ଗୁଡିକରେ ୨୦୨୨ସୁଦ୍ଧା ୪ଲକ୍ଷ ୭୧ହଜାର ମାମଲା ପଡି ରହିଥିବା କୁହାଯାଇଛି । ଯଦି ଅଦାଲତ ଗୁଡିକରେ ମାମଲାର ତ୍ୱରିତ ଫଇସଲା ନହୁଏ, ନ୍ୟାୟା ପାଇଁ ଲଢେଇ କରୁଥିବା ମହିଳାମାନେ ହୁଏତ ଓହରିଯିବା ଆଶଙ୍କାକୁ ଅଣଦେଖା କରାଯାଇ ନପାରେ । କଥାରେ ଅଛି 'ବିଳମ୍ବିତ ନ୍ୟାୟା ବିଡମ୍ବିତ ନ୍ୟାୟ' ଅର୍ଥାତ ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ । ଅଦାଲତରେ ମାମଲାର ତ୍ୱରିତ ଫଇସଲା ସହ ଆଇନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ପ୍ରଚାର ସହ ମହିଳାଙ୍କ ମଧ୍ୟରେ ସଚେତନା ସୃଷ୍ଟି କରାଯିବା ଆବଶ୍ୟକ । ସେହିପରି ଆଇନରେ ଥିବା ତୃଟି ସଂଶୋଧନ ପାଇଁ ଏବେ ସମୟ ଆସିଛି । ଅନ୍ୟଥା ଆଇନ କେବଳ ଆଇନରେ ସୀମାବଦ୍ଧ ହୋଇ ରହିଯିବ ।

# ବିଶ୍ୱ ନିୟନ୍ତା ଧରା ପୃଷ୍ଠରେ



◆ବିଶପ୍ ଡି.ବି. ହୃଦୟ



କାଳ ସଂପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ଭୂପୃଷ୍ଠକୁ ପ୍ରେରଣ କଲେ । ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତା ଏକ । ସେ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି ପୁଣି ନୂତନ ସୃଷ୍ଟି ମଧ୍ୟ କରନ୍ତି । ଈଶ୍ୱର ଆତ୍ମା ଅଟନ୍ତି ଏବଂ ତାହାଙ୍କ ଇଚ୍ଛାନୁସାରେ ସେ ଦେହଧାରଣ କଲେ ଦେହଧାରୀ ଈଶ୍ୱର ଭୂପୃଷ୍ଠରେ ଜନ୍ମ ନେବାର ଆବଶ୍ୟକତା ଥିଲା ଏବଂ ଜଗତବାସୀ ମନୁଷ୍ୟ ପୁର୍ନଜନ୍ମ ପାଇବାର ଆବଶ୍ୟକତା ଅଛି । କାରଣ, ସ୍ୱର୍ଗବାସୀ ଈଶ୍ୱର, ମର୍ତ୍ୟବାସୀ ମନୁଷ୍ୟକୁ ଆପଣା ବାସଗୃହ କରିବା ନିମନ୍ତେ ସୃଷ୍ଟି କରି ଜଳ ଓ ଆତ୍ମାଙ୍କ ଦ୍ୱାରା ନୂତନ ସୃଷ୍ଟି କରିବାର ଯୋଜନା ରହସ୍ୟପୂର୍ଣ୍ଣ ନୁହେଁ ମାତ୍ର ପୁର୍ନଜନ୍ମ ହିଁ ମୋକ୍ଷ ପଥର ଦରଜା ଖୋଲିଦିଏ । ମନୁଷ୍ୟ ଆତ୍ମ ଚେତନା ପାଇଲେ ଧର୍ମ ଚେତନା ମଧ୍ୟ ପାଇପାରେ । ଘୁଷୁରୀ ଖାଦ୍ୟ ଖାଇବାକୁ ପଛେଇ ନ ଥିବା ବାଲୁଙ୍ଗା ପୁତ୍ର ବାପାଙ୍କ ଖାଇବା ଟେବୁଲର ଖାଦ୍ୟ ମନେ ପକେଇବା ଦ୍ୱାରା ଆତ୍ମ ଚେତନା ପାଇଲା ଏବଂ ମନବଳ ଦୃଢ଼ କରି ନିଜସ୍ୱ ଗୃହକୁ ଫେରିଆସିବା ପାଇଁ ସ୍ଥିର କରି ପିତାଙ୍କ ଗୃହରୁ ବାହାରି ଯାଇଥିବା ଉଦ୍ଧତ ବସ୍ତ୍ର ଫିଙ୍ଗି ଦେଇ ନମ୍ରତାର ବସ୍ତ୍ର ପିନ୍ଧି ଫେରି ଆସିଲା । ଧନ ସଂପତିରେ ଭରସା ରଖିଥିବା ବାଲୁଙ୍ଗା ଛତ୍ରପତି ଜୀବନର ବିଫଳତାକୁ ସ୍ୱୀକାର କରି ବାପାଙ୍କର କ୍ଷମା ତାହାଙ୍କ ସହିତ ଶାନ୍ତି ସ୍ଥାପନ ଦ୍ୱାରା ପୁତ୍ରତ୍ୱ ଅଧିକାର ହେଲା । ବିଶ୍ୱାସରେ ଏହି ଅଧିକାର ପ୍ରାପ୍ତ କରିବା ମନୁଷ୍ୟର ସୌଭାଗ୍ୟ । ପରିତ୍ରାଣ ପାଇବା ପାଇଁ ଶ୍ରଦ୍ଧାଭାବ ବହନ କରିବା ଅତ୍ୟନ୍ତ ଆବଶ୍ୟକ । ଭଲ-ମନ୍ଦର ପ୍ରଭେଦ ବୁଝିବା ପାଇଁ ପବିତ୍ର ଆତ୍ମା ସାହାଯ୍ୟ କରନ୍ତି ଚେତନା ପାଇଥିବା ମନକୁ ପରିବର୍ତନ ଦିଗକୁ କଢ଼ାଇ ନେବା ଏହା ଏକ ଆଶୀର୍ବାଦର ପ୍ରଥମ ସୋପାନ ମାତ୍ର, କରିଥିବା ପାପପ୍ରତି ଦୁଃଖ କରିବା ଏବଂ ଅନୁତପ୍ତ ହୃର୍ଦକେ ପପାପସ୍ୱୀକାର ଓ ପାପତ୍ୟାଗର ଆନନ୍ଦ ନୂତନହୃଦୟ ପାଇଥିବା ବ୍ୟକ୍ତି ହିଁ ଜାଣିପାରେ । ଦୈନନ୍ଦିନ ଜୀବନରେ ଧର୍ମର ସୌନ୍ଦର୍ଯ୍ୟ ଓ ପ୍ରଭାବଶାଳୀ ଭୂମିକା ଯେଉଁମାନେ ସାମାନ୍ୟ ଭାବରେ ବୁଝି ଥାନ୍ତି ସେହି ମାନେ ଜୀବନର ଆଶାର ଆଲୋକ ପାଇଥାନ୍ତି । ଈଶ୍ୱରଙ୍କୁ ବିଶ୍ୱାସ କରିବା ଏବଂ ଧର୍ମୀୟ ଜୀବନ କାଟିବା ନିମନ୍ତେ ସିଦ୍ଧାନ୍ତ ଯଥେଷ୍ଟ ନୁହେଁ । ସୁନ୍ଦର ସ୍ୱର୍ଗ ଏବଂ ଈଶ୍ୱରରୂପୀ ହୋଇ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । ଅତଏବ, ଈଶ୍ୱର ନିଜେ ଇଚ୍ଛା କରି ମନୁଷ୍ୟ ସଦୃଶ ଜନ୍ମ ନେବା ପାଇଁ ଯେଉଁ ଯୋଜନା ସ୍ଥିର କଲେ ତାହା ହିଁ ବଡ଼ ଅନନ୍ଦଦାୟକ ବିଷୟ ଅଟେ । ଈଶ୍ୱର ଯେଉଁଠି ବି ଥାଆନ୍ତୁ ନା କାହିଁକି ତାହାଙ୍କୁ ପ୍ରଣାମ କରିବା ପାଇଁ ପ୍ରତ୍ୟେକ ଜାନୁ ନତ ହେବ । ଏବଂ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ । ଯୀଶୁଖ୍ରୀଷ୍ଟ ଧର୍ମତତ୍ୱର ପ୍ରାଣ କେନ୍ଦ୍ରବିନ୍ଦୁ । ଖ୍ରୀଷ୍ଟୀୟ ଧର୍ମତତ୍ୱର ଅବତୀର୍ଣ୍ଣବାଦ ଯାହା ଯୀଶୁଖ୍ରୀଷ୍ଟଙ୍କୁ ତ୍ରିତ୍ୱ ଈଶ୍ୱରଙ୍କର ଦ୍ୱିତୀୟ ପ୍ରକାଶନ ବୋଲି କୁହାଯାଏ ଈଶ୍ୱରଙ୍କ ପୁତ୍ରଙ୍କୁ ଲୋଗୋସ୍ (ବାକ୍ୟ) ବୋଲି କୁହାଯାଏ । ଏହି ଲୋଗୋସ୍ ଦେହବନ୍ତ ହେଲେ କୁମାରୀ ମରିୟମଙ୍କ ଗର୍ଭରୁ ଧରାପୃଷ୍ଠରେ ଜନ୍ମ ହେଲେ ଏହା ସହିତ ଧ୍ୟାନ ଦେବା ଉଚିତ ଯେ, ଈଶ୍ୱର ଆତ୍ମା ଅଟନ୍ତି, ଈଶ୍ୱର ଜନ୍ମ ହୁଅନ୍ତି ନାହିଁ କିମ୍ୱା ଈଶ୍ୱରଙ୍କ ମୃତ୍ୟୁ ମଧ୍ୟ ଅସମ୍ଭବ । ସୃଷ୍ଟିକର୍ତା ଆପଣା ଯୋଜନା ଅନୁସାରେ ମନୁଷ୍ୟର ଉଦ୍ଧାର ନିମନ୍ତେ ମସୀହଙ୍କୁ ଅଭିଷିକ୍ତ କରି କଳୁଷିତ ମାନବ ସମାଜର ପାପୀ ଓ ରୋଗୀମାନଙ୍କୁ ଉଦ୍ଧାର କରିବା ପାଇଁ ବେଥଲିହିମର ଗୁହାଳରେ ଅବତୀର୍ଣ୍ଣ ହେଲେ । ଏହି ସୁସ୍ୱାଦ ଜଗତବାସୀଙ୍କ ନିକଟରେ ଘୋଷଣା କରିବାର ସୁଯୋଗ ଦୂତ ମାନେ ପାଇଲେ କିନ୍ତୁ, ଏହି ସତ୍ୟର ସନ୍ଧାନ ନେବା ନିମନ୍ତେ ପଣ୍ଡିତ ମାନେ ଓ ମେଷପାଳକ ମାନେ ସୁଯୋଗ ନେଲେ ଦୂତ ମାନେ ପରିତ୍ରାଣ ପାଇବା ପାଇଁ ଇଚ୍ଛୁକ ହେଲେ କିନ୍ତୁ ପାଇପାରିଲେ ନାହିଁ । ଏହି ପରିତ୍ରାଣ କେବଳ ପାପୀ ମନୁଷ୍ୟ ହିଁ ପାଇପାରିବ ।

*ଓଡ଼ିଶା ଫଲୋଅପ୍, କୁରୁଡା, ବାଲେଶ୍ୱର*

# ସହରରେ ମହିଳା ନିରାପତା



◆ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଦେଶରେ ମହିଳାଙ୍କ ସୁରକ୍ଷା ପାଇଁ ବହୁ କଠୋର ଆଇନ ରହିଛି । ଘରୋଇ ହିଂସା, ଯୌତୁକ ନିର୍ଯ୍ୟତନା, ହତ୍ୟା, ରାସ୍ତାଘାଟରେ ଅସଦାଚରଣ, ଛିନତାଇ, ବଳାତ୍କାର ଆଦି ଘଟଣାକୁ ମହିଳାଙ୍କ ସୁରକ୍ଷା ପାଇଁ ପୋଲିସ, ପ୍ରଶାସନ ପକ୍ଷରୁ ବହୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିବା ସତ୍ୱେ ଦେଶରେ ବହୁ ଗୁରୁତ୍ୱପୂଣ୍ଡ ସହରରେ ମହିଳା ସୁରକ୍ଷିତ ନୁହଁନ୍ତି । ନିକଟରେ ମହିଳାଙ୍କ ସୁରକ୍ଷା ତଥା ନିରାପତା ସଂକ୍ରାନ୍ତ ଜାତୀୟ ବାର୍ଷିକ ଏବଂ ସୂଚ୍ୟାଙ୍କ - ୨୦୨୫ ରିପୋର୍ଟରୁ ଏହା ଜଣାପଡିଛି । ଏହି ରିପୋର୍ଟ ଜାତୀୟ ନିରାପତା ସ୍କୋର ୬୫ପ୍ରତିଶତ ରହିଛି । ଦେଶର ବହୁ ସହର ଏହି ବେଂଚମାର୍କ ତଳେ ଥିବାବେଳେ ବହୁ ସହର ବେଂଚମାର୍କ ଠାରୁ ଉପରେ ଥିବା ରିପୋର୍ଟରୁ ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ, ଦେଶବ୍ୟାପୀ ୩୧ଟି ସହରର ୧୨,୭୭୦ ଜଣ ମହିଳାଙ୍କୁ ଠାରୁ ମହିଳା ନିରାପତା ନେଇ ମତାମତ ନିଆଯାଇଥିଲା । ନ୍ୟାଶନାଲ ଆନୁଆଲ ରିପୋର୍ଟ ଆଣ୍ଡ ଇଣ୍ଡେକ୍ସ (ନାରୀ)-୨୦୨୫ ରିପୋର୍ଟରେ କୁହାଯାଇଛି ଯେ, କୋହିମା, ବିଶାଖାପାଟନମ୍, ଭୁବନେଶ୍ୱର, ଆଇଜଲ, ଗାଙ୍ଗଟକ, ଇଟାନଗର ଏବଂ ମୁମ୍ବାଇ ଆଦି ସହର ମହିଳାଙ୍କ ପାଇଁ ସବୁଠାରୁ ସୁରକ୍ଷିତ । କାରଣ ଏହି ସହରଗୁଡିକରେ ଲିଙ୍ଗଗତ ସମାନତା, ସ୍ୱୟାତଶାସନ ସଂସ୍ଥାରେ ଅଂଶଗ୍ରହଣ, ପୋଲିସ ବ୍ୟବସ୍ଥା ଏବଂ ମହିଳା-ବନ୍ଧୁତ୍ୱ ଭିତିଭୂମି ତେବେ ଖୁସିର ବିଷୟ ଏହା ଯେ, ଏହି ସହରଗୁଡିକରେ ଦେଶର ସବୁଠୁ ଜନବହୁଳ ଓ ବ୍ୟସ୍ତବହୁଳ ଏବଂ ଅର୍ଥନୈତିକ, ବାଣିଜ୍ୟକ ରାଜଧାନୀ ଭାବେ ପରିଣତ ମୁମ୍ବାଇ ସହର ରହିଛି । ସେହିପରି ମହିଳାଙ୍କ ପାଇଁ ସବୁଠୁ ଅସୁରକ୍ଷିତ ସହର ଭାବେ ରିପୋର୍ଟରେ କୋଲକତା, ପାଟନା, ଜୟପୁର, ଫରିଦାବାଦ, ଦିଲ୍ଲୀ, ଶ୍ରୀନଗର ଏବଂ ରାଂଚି ରହିଛି । ଦେଶର ରାଜଧାନୀ ଦିଲ୍ଲୀ, ଯେଉଁ ସହର ଉଭୟ କେନ୍ଦ୍ର ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କ ଅଧିନରେ ରହିଛି, ସେଠାରେ ମହିଳା ଅତ୍ୟନ୍ତ ଅସୁରକ୍ଷିତ ଥିବା ନିଶ୍ଚିତ ଭାବେ ଦୁଃଖଦାୟକ ବୋଲି କୁହାଯାଇପାରିବ । ଜାତୀୟ ରାଜଧାନୀ ମହିଳାଙ୍କ ସୁରକ୍ଷା ଓ ନିରାପତା ପାଇଁ ଉଦାହରଣ ହେବା ଉଚିତ୍ । କିନ୍ତୁ ସହରାଚଂଳ ଭିତିଭୂମିରେ ଦୁର୍ବଳ ଆନୁଷ୍ଠାନିକ କାର୍ଯ୍ୟାନୁଷ୍ଠାନ, ପୁରୁଷ ପ୍ରାଧାନ୍ୟ ପରମ୍ପରା ଓ ତୃଟିପୂର୍ଣ୍ଣ ବ୍ୟବସ୍ଥା ଆଦି ମହିଳା ଅସୁରକ୍ଷିତର ମୂଳକାରଣ ବୋଲି ରିପୋର୍ଟରେ କୁହାଯାଇଛି । ଏହି ବ୍ୟବସ୍ଥାଗୁଡିକରେ ସୁଧାର, ଉନ୍ନତି ଅଣାଯାଇପାରିଲେ ମହିଳା ସୁରକ୍ଷିତ ହୋଇପାରିବେ ବୋଲି ରିପୋର୍ଟରେ ଆଶା ପ୍ରକଟ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, କେବଳ ଘରେ ନୁହେଁ, ବାହାରେ ମଧ୍ୟ ମହିଳା ଅସୁରକ୍ଷିତ । ବିଶେଷ କରି ସର୍ବସାଧାରଣ ସ୍ଥାନ, ଚିତବିନୋଦନ କେନ୍ଦ୍ର, ପାର୍କ, ବଜାର ଏବଂ ବସ, ଟ୍ରେନ ଆଦି ପରିବହନ ମହିଳା ବିରୋଧି ଅପରାଧ ଘଟଣା ବଢିବାରେ ଲାଗିଛି । ଏପରିକି ଶିକ୍ଷାନୁଷ୍ଠାନ ତଥା ସ୍କୁଲ, କଲେଜ ଏଥିରୁ ବାଦ୍ ନୁହେଁ । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପ୍ରତି ୩ଜଣରେ ଜଣେ ମହିଳା ନିର୍ଯ୍ୟାତନା ସମ୍ପର୍କରେ ଅଭିଯୋଗ କରିଥାନ୍ତି । ଦେଶରେ ପ୍ରତି ମିନିଟରେ ୧୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯ୍ୟାତନା ଘଟୁଥିବାବେଳେ ଲୋକଲଜ୍ୟା, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଅସୁରକ୍ଷିତ ଯୋଗୁଁ ବହୁ ଘଟଣା ଲୋକଲୋଚନକୁ ଆସୁନାହିଁ କିମ୍ୱା ପିଡିତା ପୋଲିସରେ ଅଭିଯୋଗ କରେ ନାହିଁ । ଏହିଭଳି ଘଟଣା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟରେ ସ୍ଥାନ ପାଏ ନାହିଁ । ଜାତୀୟ ମହିଳା କମିଶନର ଅଧକ୍ଷା କହନ୍ତି ଯେ, ମହିଳାଙ୍କ ନିରାପତାକୁ ଏକ ଆଇନ ଶୃଙ୍ଖଳା ପ୍ରସଙ୍ଗ ଭାବେ ଗ୍ରହଣ କରାଯାଇପାରିବ ନାହିଁ । ଏହା ସେମାନଙ୍କର ଶିକ୍ଷା, କାମ କରିବାର ସ୍ୱାଚ୍ଛନ୍ଦ୍ୟ, ସ୍ୱାଧୀନ ଭାବେ ଯାତାୟତ, ଶାରିରୀକ ଓ ମନସ୍ତାତ୍ୱିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ । କେବଳ ସର୍ବସାଧାରଣ ସ୍ଥାନରେ ମହିଳା ବିରୋଧି ହିଂସା କେବଳ ସୀମିତ ନୁହେଁ । ଉଭୟ ସ୍ଥାନସ୍ଥାନ ଓ ବୈବାହିକ ସ୍ଥାନରେ ମହିଳା ଘରୋଇ ହିଂସା ଏବଂ ମନସ୍ତାତ୍ୱିକ ନିର୍ଯ୍ୟାତନାର ଶିକାର ହେଉଛି । ଯାହା ଅଦୃଶ୍ୟ ଭାବେ ରହିଯାଉଛି । ସେହିପରି କେବଳ ନିରାପତା ଅଭାବରୁ ମହିଳା ବିରୋଧ ହିଂସା ଘଟଣା ଘଟୁନାହିଁ । ଆର୍ଥୀକ ନିର୍ଭରଶୀଳତା, ଦାରିଦ୍ର୍ୟ, ପରିବାରର ନିମ୍ନସ୍ଥିତି, ନିରକ୍ଷରତା, ଅନ୍ୟମାନଙ୍କ କଥା ଓ କାର୍ଯ୍ୟରେ କ୍ରମାଗତ ମର୍ଯ୍ୟାଦାହାନୀ ଆଦି ସର୍ବଦା ମହିଳାଙ୍କ ସମ୍ମାନହାନୀ କରିଥାଏ । ଏହା ଦ୍ୱାରା ମଧ୍ୟ ମହିଳା ନିଜକୁ ଅସୁରକ୍ଷିତ ମଣିଥାଏ । ଏହା ନିସନ୍ଦେହ ଯେ, ସହରାଚଂଳର ଭିତିଭୂମି ଏବଂ ପୋଲିସ ବ୍ୟବସ୍ଥାରେ ପରିବର୍ତନ ନାହିଁ । ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଓ ନ୍ୟାୟା ହିଁ କେବଳ ସମାଜ ଉପରେ ନିର୍ଭର କରେ । ଯାହା ମହିଳାଙ୍କୁ ନିରାପଦ ରଖିବା ସହ ସୁରକ୍ଷା ଦେଇପାରିବ ।

*ସମ୍ମାନ ଭବନ,ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋ-୭୯୭୮୬୬୬୪୦୩*



# ବିଛିନ୍ନାଂଚଳର ବ୍ୟଥା



◆ଅତନୁ କବି

ଭାରତର ସ୍ୱାଧୀନତା ଲାଭ ପରେ ଷଢ଼େଇକଳା- ଖରସୁଆଁ ଗଡ଼ଜାତ ଦ୍ୱୟ ର ତତ୍କାଳୀନ ରାଜା ମାନେ ଓଡ଼ିଶା ସହିତ ମିଶିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ ।ତା ପରେ ତତ୍କାଳୀନ ଓଡ଼ିଶାର ଏକ ଜିଲ୍ଲା ହୋଇଥିଲା ଷଢ଼େଇକଳା-ଖରସୁଆଁ । ମାତ୍ର ଓଡ଼ିଶାର ଦୁର୍ବଳ ନେତୃତ୍ୱ ର ସୁଯୋଗ ନେଇ ରାଜନୈତିକ ଷଡ଼ଯନ୍ତ୍ର କରି ଓଡ଼ିଶା ର ଏକ ପ୍ରମୁଖ ଜିଲ୍ଲା ଷଢ଼େଇକଳା-ଖରସୁଆଁ କୁ ସାମୟିକ ଭାବରେ ବିଚ୍ଛିନ୍ନ କରି ବିହାର ପ୍ରଦେଶ ର ଅନ୍ତର୍ଗତ କରିଦିଆ ଗଲା ।ନିଜସ୍ୱ ସ୍ୱାର୍ଥ ସିଦ୍ଧି ପାଇଁ ତତ୍କାଳୀନ ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ ଷଢ଼େଇକଳା -ଖରସୁଆଁ ଜିଲ୍ଲା ର ଓଡ଼ିଶା ସହିତ ମିଶ୍ରଣ ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ଓଡ଼ିଶା ବାସୀ ତଥା ଷଢ଼େଇ କଳା- ଖରସୁଆଁ ର ଓଡ଼ିଆ ମାନଙ୍କର ସବୁ ଜନ ଆନ୍ଦୋଳନ କୁ ରାଜନୈତିକ କ୍ଷମତା ବଳରେ ଦମନ କରି ଦିଆ ଯାଇ ଥିଲା । ଷ ଢ଼େଇକଳା- ଖରସୁଆଁ ର ସ୍ଥାୟୀ ଅଧିବାସୀ ଓଡ଼ିଆ ମାନଙ୍କର ଜନ ଜୀବନ ବିପନ୍ନ ହୋଇଗଲା ।ବହୁଳ ଭାବରେ ପ୍ରପୀଡ଼ିତ ହେଲେ ଏ ଅଂଚଳର ଓଡ଼ିଆ ମାନେ ।ବିହାର ସରକାରଙ୍କ ଦ୍ୱାରା କରାଯାଇଥିବା ଓଡ଼ିଆ ମାନଙ୍କ ଦମନ ର ଅଶ୍ଳୀଳ ଇତିହାସ ଆଜି ବି ଅଭୁଲା ହୋଇ ରହିଛି ।ପୂର୍ବଜ ମାନଙ୍କର ସମସ୍ତ ପ୍ରକାର ପ୍ରଚେଷ୍ଟା କୁ ନିଷ୍ଫଳ କରିଦିଆ ଯାଇଥିଲା । ଆନ୍ଦୋଳନ କୁ ଦମନ କରିବା ପାଇଁ ଓଡ଼ିଶା ରେ ମାରି ଦିଆ ଯାଇ ଥିବା ଯୁବ ନେତାଙ୍କର ମର୍ମନ୍ତୁଦ ପରିଣତି ରେ ରକ୍ତ ରଞ୍ଜିତ ହୋଇ ଥିଲା ଓଡ଼ିଶାର ମାଟି ।ତଥାପି ଷଢ଼େଇକଳା- ଖରସୁଆଁ ରାଜନୈତିକ ଚକ୍ରାନ୍ତରେ ରହିଗଲା ଓଡ଼ିଶା ରୁ ବିଚ୍ଛିନ୍ନ ହୋଇ । ଆଜିବି ଓଡ଼ିଶା ବାସୀ ଅନେକ ଭାଇଭଉଣୀଙ୍କ ମନରେ ଆମ ପ୍ରତି ଆନ୍ତରିକ ଦରଦ ରହିଛି ।ବିଚ୍ଛିନ୍ନାଂଚଳ ନିବାସୀ ଓଡ଼ିଆମାନଙ୍କ ପାଇଁ ଥିବା ସେମାନଙ୍କର ନିବିଡ଼ ଅତ୍ମୀୟତା ଆମ ଭିତରେ ଜାତି ପ୍ରାଣତାର ତରଙ୍ଗ ସୃଷ୍ଟି କରେ ।ଭାଷା ବଂଆ ଆନ୍ଦୋଳନ ର ଶଙ୍ଖନାଦ କରି ଆମ ଭିତରେ ଆଗ୍ନେୟ ଉତେଜନା ର ମଶାଲ ଜାଳେ । ଇତିହାସ କହେ ଷଢ଼େଇକଳା ର ପ୍ରଥମ ବିଧାୟକ ସ୍ୱର୍ଗତ ମିହିର କବି ଷଢ଼େଇକଳା ର ଓଡ଼ିଶା ମିଶ୍ରଣ ପାଇଁ ତଥା ଏ ଅଂଚଳର ଭାଷା ସଂସ୍କୃତିର ସୁରକ୍ଷା ନିମିତ ସଂଘର୍ଷ କରି ଥିଲେ ।ସମସ୍ତ ପ୍ରକାର ପ୍ରଲୋଭନ କୁ ତ୍ୟାଗ କରି ନିଡର ଭାବରେ ସ୍ୱର ଉତୋଳନ କରୁଥିଲେ ବିହାର ବିଧାନ ସଭା ରେ ।ଦୀର୍ଘ ଦିନ ର ସଂଘର୍ଷ କରି ଏ ଜାତି ବଂଚି ରହିବାର ଉଦ୍ୟମ କରିଥିଲା ।ବିହାର ସରକାରଙ୍କ ଅନେକ ଷଡ଼ଯନ୍ତ୍ର ପରେ ବି ଏ ଜାତିର ଭାଷା ସଂସ୍କୃତି ବିଲୁପ୍ତ ହୋଇ ନ ଥିଲା । ଓଡ଼ିଆ ବିଦ୍ୟାଳୟ ମାନଙ୍କରେ ସମସ୍ତ ବିଷୟ ଗୁଡ଼ିକ ଓଡ଼ିଆ ଭାଷାରେ ହିଁ ପାଠ ପଢା ହେଉଥିଲା ।ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜି ଅନେକ ଓଡ଼ିଆ ବିଦ୍ୟାଳୟ ଅଣ ଓଡ଼ିଆ ବିଦ୍ୟାଳୟ ରେ ପରିବର୍ତିତ ହୋଇ ଗଲାଣି ।କେତେକ ପୁରୁଣା ଓଡ଼ିଆ ବିଦ୍ୟାଳୟ କୁ ସରକାର ବନ୍ଦ କରି ଦେଲେଣି ।ଓଡ଼ିଆ ବିଦ୍ୟାଳୟରୁ ଓଡ଼ିଆ ଶିକ୍ଷକ ମାନଙ୍କୁ ସ୍ଥାନାନ୍ତରିତ କରି ସେମାନଙ୍କ ସ୍ଥାନରେ ଅଣଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତି ଦେଇ ଓଡ଼ିଆ ମାରଣ ଚକ୍ରାନ୍ତ କରାଗଲା । କେବଳ ସରକାରୀ କାଗଜ କଲମରେ ଓଡ଼ିଆ ଝାଡ଼ଖଣ୍ଡ ର ଦ୍ୱିତୀୟ ରାଜ୍ୟ ଭାଷା ର ମାନ୍ୟତା ପାଇ ରହିଛି ।ଏଭଳି ସ୍ଥିତିରେ ତଥାକଥିତ ଉତ୍କଳ ସମ୍ମିଳନୀ ନିରବ ହୋଇ ଓଡ଼ିଆ ଭାଷା ଶିକ୍ଷାର ପ୍ରଚାର ପ୍ରସାର ର ପ୍ରହସନ କରିବା ଆମ ପାଇଁ ଆହୁରି ଦୁଃଖ ଦାୟକ ହୋଇଛି ।

ଦାନା ର ତୋବଡ଼ା ମୁହେଁ ବନ୍ଧା ଘୋଡ଼ା,ଟାଣିବ କିପରି ଗାଡ଼ି ?
ଜାତି ନନ୍ଦିଘୋଷ ସ୍ୱାର୍ଥେ ଯାଏ ନାଶ,ଦୁର୍ନୀତି ଗର୍ତରେ ପଡ଼ି
ସମ୍ମିଳନୀ ପାଇଁ ଦରପୋଡ଼ା ହୋଇ,ଗଲାଣି ଚୂଲିରେ ଭାଷା
ବିଚ୍ଛିନ୍ନାଂଚଳରେ ଯନ୍ତ୍ରଣା କାତରେ,ମରେ ଏ ଜାତିର ଆଶା - - -

ଓଡ଼ିଶା ସରକାରଙ୍କ ଅନୁଦାନ ନେଇ ବିଚ୍ଛିନ୍ନଂଚଳ ରେ ଓଡ଼ିଆ ଭାଷାର ଶିକ୍ଷା ଓ ପ୍ରସାର ପାଇଁ ପ୍ରୟାସ କରୁଥିବା ର ଫଟା ଢୋଲ ବଜାଇ ଆତ୍ମ ପ୍ରଚାର କରୁଥିବା ସମ୍ମିଳନୀ ଆମ ପାଇଁ ଅଧିକ ଯନ୍ତ୍ରଣା ଦାୟକ ହୋଇଛି ।ଉତ୍କଳ ଗୌରବ ମଧୁସୂଦନ ଙ୍କ ମହତ ଉଦ୍ଦେଶ୍ୟ ଆଜି ସମ୍ମିଳନୀ ରେ ନାହିଁ ।କର୍ପୂର ଉଡ଼ି ଯାଇଥିବା କନା ପରି ରହିଛି ।ସେ ପୁଣି ଫାଳ ଫାଳ ହୋଇ ଗଲାଣି । ଦାନାର ତୋବଡା ମୁହଁ ରେ ବନ୍ଧାହୋଇଥିବା ଘୋଡ଼ା ର ଭୋକ ଏତେ ବଢ଼ି ଯାଇଛି ଯେ ଜାତୀୟ ହିତ ସାଧନ ର ଗାଡ଼ିକୁ ଟାଣିବାର ବେଳ ପାଉ ନାହିଁ ।ସ୍ୱାର୍ଥ ସର୍ବସ୍ୱ ହୋଇ ଜାତୀୟ ଶୋଷଣ ନିଶା ରେ ଉନ୍ମତ ହୋଇ ଯାଇଛି ।ଦୁର୍ନୀତି ର ବିରୋଧ କରି ଜାତୀୟ ଜୀବନର ହିତ ସାଧନ ର ସୁମାର୍ଗ ରେ ପରିଚାଳିତ କରୁଥିବା ବ୍ୟକ୍ତି ର ପ୍ରୟୋଜନ ନାହିଁ ସମ୍ମିଳନୀ ରେ । ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧି ପାଇଁ ନିଜର ଗୋଷ୍ଠୀଗତ ହୀନ ମାନସିକତା ରେ କାର୍ଯ୍ୟ କଲେ କଣ ଜାତିର ନନ୍ଦିଘୋଷ ପ୍ରଗତିର ବଡ଼ ଦାଣ୍ଡ ରେ ଆଗକୁ ଗଡ଼ିବ ?ସତେ କଣ ଜାତୀୟ ହିତ ସାଧନ କରିବା ପାଇଁ ସମ୍ମିଳନୀ ର ଦାୟିତ୍ୱ ବହନ କରିବାର ଯୋଗ୍ୟ ବ୍ୟକ୍ତି ର ଅଭାବ ରହିଛି ବିଚ୍ଛିନ୍ନାଂଚଳ ଷଢ଼େଇକଳା ରେ ଗୋଷ୍ଠୀ ଗତ ରାଜନୀତି ର ହୀନ ମାନସିକତା ନେଇ ଆମକୁ ଅବହେଳା କରିଦେଲେ ଉତ୍କଳ ଗୌରବ ଙ୍କ ଜାତୀୟ ସ୍ୱପ୍ନ ସାକାର ହେବନାହିଁ । ଜାତୀୟ ସର୍ବନାଶ ର ପଥରେ ଅଗ୍ରସର ହେଉଥିବା ସ୍ୱାର୍ଥପର ହୀନ ମନସ୍କ ବ୍ୟକ୍ତି ମାନଙ୍କୁ ଘୃଣା କରିବ ଭବିଷ୍ୟତ ।ଏବେବି ସମୟ ଅଛି ବିଚ୍ଛିନ୍ନାଂଚଳ ର ଓଡ଼ିଆ ମାନଙ୍କୁ ପ୍ରତାରଣା ର ଶିକାର କରନ୍ତୁ ନାହିଁ ।ଯାହାକୁ ଯେତେ ପାରୁଛନ୍ତି ଅନୁଦାନ ଦିଅନ୍ତୁ,ଆମର ଆଦୌ ଅଭିଯୋଗ ନାହିଁ , କିନ୍ତୁ ବିଚ୍ଛିନ୍ନାଂଚଳ ବାସୀ ଙ୍କ ପାଇଁ ଅନୁଦାନ ଦେଇ ସମ୍ମିଳନୀ ମାଧ୍ୟମରେ ଆମକୁ ପ୍ରତାରିତ କରନ୍ତୁ ନାହିଁ । ଯଦି ପ୍ରକୃତରେ ବିଚ୍ଛିନ୍ନାଂଚଳ ର ମୂଳବାସୀ ପାଇଁ ସମବେଦନା ଅଛି ଏବଂ ଆମର ଭାଷା ସଂସ୍କୃତି ର ସୁରକ୍ଷା ପାଇଁ ଆନ୍ତରିକତା ଅଛି , ତେବେ ଆମ ସହିତ ଯୋଗାଯୋଗ କରନ୍ତୁ । ଆମ ସହିତ ଆଲୋଚନା ମାଧ୍ୟମରେ ସମସ୍ୟା ର ସମାଧାନ ର ପଥ ପ୍ରସ୍ତୁତ କରନ୍ତୁ ।କାରଣ ସମସ୍ୟା ହିଁ ସମାଧାନ ର ଜନନୀ । ଅନ୍ୟ ମାଧ୍ୟମ ରେ ପଠାଇ ଦେଉଥିବା ଅନୁଦାନ ନଷ୍ଟ କରିଦେଉଛି ଆମର ଜାତୀୟ ସମ୍ମାନ । ଏ ମାଟିର ସଂଘର୍ଷ ଶୀଳ ଓଡ଼ିଆ ଅସ୍ମିତା ର ସୁଦୃଢ଼ ଭିତି କୁ ଦୁର୍ବଳ କରିବାର ଅପଚେଷ୍ଟା କଦାପି ସଫଳ ହେବ ନାହିଁ । ସମ୍ମିଳନୀ ର ପ୍ରୟୋଜନ କାହାପାଇଁ ?ଓଡ଼ିଶା ସରକାରଙ୍କ ଅନୁଦାନ କାହାର ହିତ ସାଧନ କରିବା ପାଇଁ ? କାହାର ବିରୋଧ କରିବାର ଅଭିପ୍ରାୟ ଆମର ନାହିଁ, କିନ୍ତୁ ରହିଛି ଜାତୀୟ ସ୍ୱାଭିମାନ ନେଇ ବଂି ରହିବାର ମୌଳିକ ଅଧିକାର । ତେଣୁ ଅନ୍ତର୍ବେଦନା କୁ ଅଭିବ୍ୟକ୍ତ କରିବା ର ପ୍ରୟୋଜନ ରହିଛି ।ବାସ୍ତବ ସ୍ଥିତି କୁ ଅନୁଧ୍ୟାନ କରିବାର ନିଃସ୍ୱାର୍ଥ ନିବେଦନ ରହିଛି ବକ୍ତବ୍ୟରେ - ଅନୁଦାନ ଦେଇ ସରକାର ଶୋଇ-ଗଲ କାନେ ତୁଳା ଦେଇ,ଅ-ପାତ୍ର ମୂଷା ର ପେଟ ବଢ଼େ ଖାଇ.ପୁଡ଼ା ରେ ଯେ ଭୁଷା ଥୋଇ । ଥରେ ବି ଚିନ୍ତା କଲନାହିଁ ସମ୍ମିଳନୀ ର କେନାଲ ପାଣି ନେଇ କିଏ କାହାର କେଉଁ ଜମି ଚାଷ କରୁଛି ? ସତ ଶୁଣିଦେଲେ ଫାଟିବ ଛାତି, ମୁହଁ ନ ଖୋଲିଲେ ମରୁଛି ଜାତି ।ସତେ କଣ ପ୍ରବାସୀ ଓଡ଼ିଆ ମାନେ ବିଚ୍ଛିନ୍ନାଂଚଳ ର ମୂଳ ବାସୀ ? ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ରହିଛି, ସବୁପ୍ରକାର ସୁବିଧା ସୁଯୋଗ ସେମାନଙ୍କ ପାଇଁ ରହିଛି ।ଅସହାୟ ବିଚ୍ଛିନ୍ନାଂଚଳ ବାସୀ ଙ୍କ ଭାଷା ସଂସ୍କୃତି ର ସୁରକ୍ଷା ପାଇଁ ଦିଆଯାଉଥିବା ଅନୁଦାନ କୁ ହାତେଇ ନେଇ ସତେ କି ମହତ କାମ କରୁଛନ୍ତି ସେମାନେ? ଅନୁଦାନ ଦେଉଥିବା ସରକାର ଗୁପ୍ତ ତଦନ୍ତ କରିବା ଦରକାର ଯେ ଓଡ଼ିଶାର ପ୍ରକୃତ ବିଚ୍ଛିନ୍ନାଂଚଳ ଷଢ଼େଇକଳା ରେ ଆମ ଓଡ଼ିଆଙ୍କ ଅବସ୍ଥା କିପରି ଅଛି ?ଭାଷା ସଂସ୍କୃତି ର ଦୁରାବସ୍ଥାର ଦୂରୀକରଣ କରିବା ପାଇଁ ସଚେତନ ପ୍ରୟାସ କରିବା ଅନୁଚିତ କି ? ପ୍ରଶିକ୍ଷଣ ର କେଉଁ ଯୋଗ୍ୟତା ନେଇ ଓଡ଼ିଆ ପାଠ ପଢ଼ାଉଛି କିଏ ?ସତେ କଣ ଶିକ୍ଷା ଦାନ କରାଯାଉଛି ? ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଚୟନ କରି ନିଯୁକ୍ତି ଦେଉଛି କିଏ ?ତୃତୀୟ ଶ୍ରେଣୀ ରୁ ପାଠ ପଢା ଛାଡ଼ି ଦେଇଥିବା ବ୍ୟକ୍ତି ଯଦି ପର୍ଯ୍ୟବେକ୍ଷକ ହୁଏ ଆଉ ଚୟନ କର୍ତା ହୋଇ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରି ଅନୁଦାନ ରାଶିକୁ ସ୍ୱାହା କରା ଯାଏ ,ତେବେଏପରି ଅବସ୍ଥା ରେ ବିଚ୍ଛିନ୍ନାଂଚଳ ରେ ଓଡ଼ିଆ ଶିକ୍ଷା ର ପ୍ରଚାର ପ୍ରସାର ସଂପର୍କିତ ସମ୍ମିଳନୀର କାର୍ଯ୍ୟ କୁଶଳତା କୁ ଅନୁମାନ କରି ନେବେ ।ସେ ବିଷୟରେ କିଛି କହିବା ନିଷ୍ପ୍ରୟୋଜନ । ଓଡ଼ିଶା ସରକାର ଯୋଗାଇ ଦେଉଥିବା ଓଡ଼ିଆ ବହି ସବୁ ଯାଉଛି କୁଆଡ଼େ ? ଉଇ ଖାଇ ଯାଉଛି କି ପ୍ରକୃତରେ ବିତରଣ କରାଯାଉଛି ?କଥା ତ ବହୁତ ଅଛି, କାହାକୁ ଆଉ କହିବି କେତେ ?ଦିନକୁ ଦିନ ଦୁର୍ଭାଗ୍ୟ ବଢ଼ି ଯାଉଛି ଆଗକୁ ହାତେ । ଦୁର୍ଦ୍ଦିନର ବଢ଼ି ପାଣିରେ ଘର ଭୁଷୁଡ଼ି ଯାଇ ବୁଡ଼ି ଯାଉଥିବା ବିଚ୍ଛିନ୍ନାଂଚଳ ର ଅସହାୟ ଓଡ଼ିଆ ଜାତୀୟ ବିପଦରୁ ବର୍ତି ଯିବା ପାଇଁ ନିଶ୍ଚିତ ଭରସା ର ହାତ ଟିଏ ଖୋଜୁଥିବା ବେଳେ ,ନିଜର ସ୍ୱାର୍ଥ ସିଦ୍ଧି ପାଇଁ ପ୍ରତାରଣା ର ଲାଥ ମାରି ଏ ମୁମୂର୍ଷୁ ଜାତି କୁ ଆଉ ବିପଦ ରେ ବୁଡ଼ାଇ ମାରନ୍ତୁ ନାହିଁ ।ଚକ୍ରବ୍ୟୁହ ରଚନାକାରୀ ର ଶେଷ ପରିଣତି ମହାଭାରତରେ ଲିପିବଦ୍ଧ ହୋଇ ରହିଛି ।ଇତିହାସ ମୁକ୍ତ କଣ୍ଠରେ ସ୍ୱୀକାର କରେଯେ 'ଅତ୍ୟାଚାର ହିଁ ବିପ୍ଳବର ଜନନୀ ।' ବିଚ୍ଛିନ୍ନ ହୋଇ ବହୁ ଦିନରୁ ସଂଘର୍ଷ କରି ଆସିଛୁ ।ଭାଷା ସଂସ୍କୃତି ର ସୁରକ୍ଷା ପାଇଁ ସଂଗ୍ରାମ ଆମର ସରି ନାହିଁ । ଏହି ପ୍ରପୀଡ଼ିତ ଜାତି ର ଦୁର୍ଦ୍ଦିନରେ ଓଡ଼ିଆ ଅସ୍ମିତା ନେଇ ଆଜି ବି ଆମେ ସଂଗ୍ରାମରତ । ତଥାପି ଆଗରେ ରହିଛି ଅନେକ ପ୍ରଶ୍ନବାଚୀ ନେଇ ଜୀବନର ଅସମାଧିତ ଗଣିତ - - -

'କା' ଆଗେ କହିବି ଜାତି ର ଯନ୍ତ୍ରଣା ?
ଅସହ୍ୟ ଦରଦ ଭିତରେ ନେଇ, ଦରପୋଡ଼ା କାଠ ଷଢ଼େଇକଳା ମୋ'
ମଉନ ସଂଜରେ ଯାଉଛି ଶୋଇ - - - ମରି ଯାଏ ଭାଷା -ସଂସ୍କୃତି
ଆମର, ଜାତୀୟ ଅସ୍ମିତା ଖାଉଛି ଉଇ, ସୁଖର ଶେଜରେ ସ୍ୱପନ
ବିଭୋଳେ, ଶୋଇଛ କେଉଁଠି ଓଡ଼ିଆ ଭାଇ ?'

*ଷଢ଼େଇକଳା,କବି କୁଟୀର, ଝାଡ଼ଖଣ୍ଡ, ମୋ-୯୪୩୧୩୪୧୩୩୧*





# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର



ରାଇରଙ୍ଗପୁର : (ନିପ୍ର)- 'ଜେଏଚଟିଇଟି' (ଝାଡ଼ଖଣ୍ଡ ଟିଚର୍ସ ଏଲିଜିବିଟି ଟେଷ୍ଟ) ପାଇଁ 'ଜାକ୍' (ଝାଡ଼ଖଣ୍ଡ ଆକଡେମିକ କାଉନସିଲ) ରାଂଚି ଦ୍ୱାରା ଜାରି ହୋଇଥିବା ଓଡ଼ିଆ ସିଲାବସ୍ କୁ ଓଡ଼ିଆ ଲିପି ପରିବର୍ତେ ଦେବନାଗରୀ ଲିପିରେ ପ୍ରକାଶ କରାଯାଇଥିବାରୁ ଆପତି ଏବଂ ଏହାକୁ ଓଡ଼ିଆ ଲିପିରେ ପୁନଃପ୍ରକାଶ କରିବା ପାଇଁ ନିବେଦନ କରି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷଢ଼େଇକଳା-ଖରସୁଆଁ ଜିଲ୍ଲାପାଳଙ୍କ ମାଧମରେ ଶତାଧିକ ଓଡ଼ିଆପ୍ରେମୀଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ରହିଛିଯେ, ଝାଡ଼ଖଣ୍ଡ ରାଜ୍ୟରେ ବସବାସ କରୁଥିବା ସମସ୍ତ ଓଡ଼ିଆ ଭାଷାଭାଷୀ ସଂଖ୍ୟାଲଘୁ ପ୍ରାର୍ଥୀମାନଙ୍କ ପାଇଁ ୨୮-୩-୨୦୨୬ ତାରିଖଟି ଅତି ବେଦନାଦାୟକ ଥିଲା । ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଓ ପ୍ରାଚୀନ ଲିପି ତଥା ଦେଶର ଗୁରୁତ୍ୱପୂର୍ଣ୍ଣ ଭାଷା ମାନଙ୍କ ମଧ୍ୟରୁ ଗୋଟିଏ ଅଟେ । ଏଥିସହିତ ଉନ୍ନତ ଓଡ଼ିଆ ଭାଷାକୁ ଭାରତର ଶାସ୍ତ୍ରୀୟ ଭାଷାର ମାନ୍ୟତା ମଧ ମିଳିଛି । ଏଥିରେ ସମ୍ବିଧାନର ଅନୁଚ୍ଛେଦ ୩୫୦(ବି) ଅନୁଯାୟୀ ଭାଷାଗତ ସଂଖ୍ୟାଲଘୁ ମାନଙ୍କ ଭାଷା ଓ ଲିପିର ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା ରହିଛି । ଓଡ଼ିଆ ଭାଷାର ନିଜସ୍ୱ ଲିପି, ବର୍ଣ୍ଣମାଳା ଓ ବ୍ୟାକରଣ ରହିଛି, ଯାହା ଅନ୍ୟ ଭାଷାମାନଙ୍କ ଶୈଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର । ଝାଡ଼ଖଣ୍ଡ ରାଜ୍ୟରେ ଓଡ଼ିଆକୁ ଦ୍ୱିତୀୟ ରାଜଭାଷାର ମର୍ଯ୍ୟାଦା ମଧ୍ୟ ମିଳିଛି । ଏପରି ସ୍ଥିତିରେ ରାଂଚି ଆକାଡେମିକ କାଉନସିଲ ଦ୍ୱାରା ଜେଏଚଟିଇଟି ସୂଚନା ସହିତ ପ୍ରକାଶିତ ପ୍ରଥମ ଶ୍ରେଣୀରୁ ପଂଚମ ଓ ଷଷ୍ଠ ଶ୍ରେଣୀରୁ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ସିଲାବସ୍ କୁ ଓଡ଼ିଆ ଲିପିରେ ପ୍ରକାଶ କରିବା ବଦଳରେ ଦେବନାଗରୀ ଲିପିରେ ପ୍ରକାଶ କରାଯିବା ଓଡ଼ିଆ ଭାଷା ଓ ଲିପି ପ୍ରତି ଘୋର ଅସମ୍ମାନ ଅଟେ । ଏହା ଓଡ଼ିଆ ଭାଷୀ ଲୋକଙ୍କ ଭାବନାକୁ ଗଭୀର ଆଘାତ ପହଂଚାଇଛି । ଏହା ସହିତ, ଜେଏଚଟିଇଟି ସିଲାବସ୍ ରେ ଅନ୍ୟ ଭାଷା ମାନଙ୍କ ପାଇଁ ଗଦ୍ୟାଂଶ ଓ ପଦ୍ୟାଂଶ ରହିଥିବା ସତ୍ୱେ ଓଡ଼ିଆ ଭାଷାର ପ୍ରାର୍ଥୀମାନଙ୍କ ପାଇଁ ଏହାର ବ୍ୟବସ୍ଥା ନ ଥିବା ପକ୍ଷପାତିତା ଅଟେ । ଏହା ଅତ୍ୟନ୍ତ ଚିନ୍ତାଜନକ ଓ ଭବିଷ୍ୟତରେ ଝାଡ଼ଖଣ୍ଡରେ ଓଡ଼ିଆ ଲିପିର ଅସ୍ତିତ୍ୱ ପ୍ରଭାବିତ ହେବ । ଉଲ୍ଲେଖନୀୟଯେ, ଗତ କିଛି ବର୍ଷ ଧରି ରାଜ୍ୟରେ ଓଡ଼ିଆ ଭାଷା ଶିକ୍ଷା ପାଇଁ ପାଠ୍ୟପୁସ୍ତକ ଓ ଶିକ୍ଷକଙ୍କର ପର୍ଯ୍ୟାପ୍ତ ବ୍ୟବସ୍ଥା ନାହିଁ । ଓଡ଼ିଆ ଭାଷାଭାଷୀ ଅଂଚଳ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ଚରମ ଅବହେଳା କରାଯାଉଛି । ଏହି ପରିସ୍ଥିତିରେ ଏନସିଟିଇ ଓ ଏନଇପି ର ବ୍ୟବସ୍ଥା ଅନୁଯାୟୀ ଅଂଚଳିକ ଭାଷା ଆଧାରରେ ମୂଲ୍ୟାଙ୍କନ ପ୍ରଣାଳୀ ନିର୍ଦ୍ଧାରଣ କରିବା ଆବଶ୍ୟକ । ତେଣୁ ଜେଏଚଟିଇଟି ପାଇଁ ଓଡ଼ିଆ ସିଲାବସ୍‌କୁ ଓଡ଼ିଆ ଲିପିରେ ପୁନଃ ପ୍ରକାଶ କରାଯାଉ । ଓଡ଼ିଆ ବିଷୟରେ ଗଦ୍ୟାଂଶ ଓ ପଦ୍ୟାଂଶ (୧୦+୧୦=୨୦ ଅଙ୍କ) ସମ୍ମିଳିତ କରାଯାଉ । ଅନ୍ୟ ଭାଷାମାନଙ୍କ ଭଳି ଓଡ଼ିଆ ଭାଷା ପାଇଁ ମଡେଲ୍ ପ୍ରଶ୍ନପତ୍ର ଓଡ଼ିଆ ଲିପିରେ ଜାରି କରାଯାଉ । ଉପରୋକ୍ତ ସମସ୍ୟାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ସହାନୁଭୂତିର ସହ ଯଥାଶୀଘ୍ର ବିଚାର କରି ସମ୍ପୃକ୍ତ ବିଭାଗ ଓ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି । ଯାହା ଦ୍ୱାରା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସ୍ୱାର୍ଥ ସୁରକ୍ଷିତ ରହିପାରିବ । ଓଡ଼ିଆ ପ୍ରତିନିଧି ଦଳରେ ନନ୍ଦୁ କୁମାର ପାଣ୍ଡେୟ, ସାନନ୍ଦ ଆଚାର୍ଯ୍ୟ, ଡାଃ ରଣଜିତ ଆଚାର୍ଯ୍ୟ, ପୀତବାସ ପ୍ରଧାନ, ତରୁଣ ପାଣି ଓ ସଂଜୟ ମହାନ୍ତି ପ୍ରମୁଖ ସାମିଲ ଥିଲେ । ଏହାର ଏକ ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରେରଣ କରାଯାଇଛି ।

# ଝାଡ଼ଖଣ୍ଡ ବିଚ୍ଛିନ୍ନାଂଚଳ ଚକ୍ରଧରପୁରରେ ଉତ୍କଳ ଦିବସ



ରାଇରଙ୍ଗପୁର : (ନିପ୍ର)-ଝାଡ଼ଖଣ୍ଡର ବିଚ୍ଛିନ୍ନାଂଚଳ ପଶ୍ଚିମ ସିଂହଭୂମି ଜିଲାର ବିଚ୍ଛିନ୍ନାଂଚଳ ଚକ୍ରଧରପୁରର ଉତ୍କଳମଣି ବିଦ୍ୟାମନ୍ଦିରର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମି ଜିଲା ଶାଖା ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଝାଡ଼ଖଣ୍ଡ 'ଓଡ଼ିଆ ଭାଷା ବିକାଶ ପରିଷଦ' ସଭାପତି ମୁଖ୍ୟଅତିଥି ପ୍ରାଧାପକ ଡ.ନାଗେଶ୍ୱର ପ୍ରଧାନ ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷାର ବିକାଶ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ପ୍ରଣବ କୁମାର ମିଶ୍ର ଉତ୍କଳ ଦିବସ ଉପଲକ୍ଷେ ସିଂହଭୂମିରେ ଓଡ଼ିଆ ଭାଷା ଶିକ୍ଷାର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ । ଉତ୍କଳ ସମ୍ମିଳନୀର ପୂର୍ବତନ ଜିଲା ସଭାପତି ସରୋଜ କୁମାର ପ୍ରଧାନ ନିଜ ଅଭିଭାଷଣରେ କହିଲେ, ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷା ଶିକ୍ଷାର ବିକାଶ ଦିଗରେ ଉତ୍କଳ ସମ୍ମିଳନୀ ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଦୀର୍ଘ ତିନି ବର୍ଷ ହେଲା ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଓଡ଼ିଶା ସରକାର ଆର୍ଥିକ ଅନୁଦାନ ପ୍ରଦାନ କରି ନାହାଁନ୍ତି । ଓଡ଼ିଶା ସରକାର ଯଥାଶୀଘ୍ର ବିଚ୍ଛିନ୍ନାଂଚଳର ଚାରୋଟି ରାଜ୍ୟର ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଙ୍କ ବକେୟା ପାରିଶ୍ରମିକ ନଦେଲେ ଓଡ଼ିଆ ଭାଷା ଶିକ୍ଷା ବନ୍ଦ ହେବାର ଆଶଙ୍କା ରହିଛି ବୋଲି ଜଣାଇଥିଲେ । ଓଡ଼ିଆ ସମାଜସେବୀ ବିନୀତ ମହାନ୍ତୋ ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷାରେ ଶିକ୍ଷା ସମସ୍ୟାକୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିବେ ବୋଲି କହିଛନ୍ତି । ଶେଷରେ ପୂର୍ବତନ ସଂପାଦକ ପୁର୍ଣ୍ଣେନ୍ଦୁ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ସୁଶାନ୍ତ ମହାନ୍ତି, ମିହିର ପ୍ରଧାନ, ଆରତୀ ମଣ୍ଡଳ, ସଂଗୀତା ପ୍ରଧାନ, ବାସନ୍ତୀ ମହାନ୍ତୋ, ସୁଭଦ୍ରା ମିସ୍ତ୍ରୀ, ସଙ୍ଗୀତା ମହାନ୍ତି, ନିରୋଳା ପ୍ରଧାନ, ରମେଶ ପ୍ରଧାନ ଓ ବସନ୍ତ ପ୍ରଧାନ ପ୍ରମୁଖଙ୍କ ସହ ଅଂଚଳର ବହୁ ଓଡ଼ିଆପ୍ରେମୀ ଉପସ୍ଥିତ ଥିଲେ ।

# ଉତ୍କଳ ଦିବସରେ ବାଲିଆପାଳରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ



ବାଲିଆପାଳ : (ନିପ୍ର) ପବିତ୍ର ଉତ୍କଳ ଦିବସ ଅବସରରେ ବାଲିଆପାଳ ସାହିତ୍ୟ ଅନୁଷ୍ଠାନ ସୃଜନିକା ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡରୁ ବ୍ଲକ ଛକ ଯାଏ ଏକ ଶୋଭାଯାତ୍ରା ଓ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଶୋଭାଯାତ୍ରା ବାଲିଆପାଳ ପୁରୁଣା ବସ ଷ୍ଟାଣ୍ଡରୁ ବାହାରି ଜାମକୁଣ୍ଡ ଛକ, ପାରୁଳୀଆ ଛକ ଦେଇ ବ୍ଲକ ଛକ ଇନ୍ଦିରା ଶିଶୁ ଉଦ୍ୟାନ ନିକଟରେ ପହଁଚି ଥିଲା । ଏହି ଅବସର ରେ ଯୋଗ ଦେଇଥିବା ଅତିଥି ମନେ ବିଭିନ୍ନ ଛକ ମାନଙ୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସାଂସଦ ପ୍ରତିନିଧି ରବୀନ୍ଦ୍ର ଅଣ୍ଡିଆ ଉଦଘାଟନ କରିଥିବା ବେଳେ ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ, ପ୍ରାକ୍ତନ ଅଧକ୍ଷ ହୃଦୟ ରଞ୍ଜନ ତ୍ରିପାଠୀ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ସୃଜନିକା ସଭାପତି ଅଧାପକ ଡ଼ଃ ସୁକାନ୍ତ ଗିରି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଭାପତି ପ୍ରାକ୍ତନ ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ଶିକ୍ଷାବିତ ମନ୍ମଥ କୁମାର ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ପଣ୍ଡା, ବାଲିଆପାଳ ପୂର୍ବତନ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ଶ୍ରୀହରି ମଣ୍ଡଳ, ସମ୍ପାଦକ ସନ୍ୟାସୀ ବେହେରା,ବାଘାଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା, ମହିଳା ସଂଗଠନ ଶ୍ରଦ୍ଧା ର ସଭାପତି ସଞ୍ଜୁବାଳା ଦାସ ଅଧିକାରୀ, ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, କ୍ୱି ସୌଭାଗିନୀ ମିଶ୍ର,ସେକ ନିମାଜୀ,ଯୁବ ନେତା କ୍ଷିତୀଶ ଜେନା, ହରେକୃଷ୍ଣ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବେତନଟୀରେ ଉତ୍କଳ ଦିବସ ପାଳିତ

ବୈଶିଙ୍ଗା : ଉତ୍କଳ ଦିବସ ପାଳନ କମିଟି ବେତନଟୀ ଦ୍ୱାରା ଅପରାହଣରେ ସ୍ଥାନୀୟ ବନ୍ଧନ ମଣ୍ଡପ ଠାରେ ଉତ୍କଳ ଦିବସକୁ ମହା ସମାରୋହରେ ପାଳନ କରାଯାଇଛି । ଏଥିରେ ବେତନଟୀର ଅନେକ ସାମାଜିକ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ମୁଖ୍ୟଗଣ ଯୋଗ ଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥି ନିମନ୍ତେ ଅନୁଷ୍ଠିତ ସଭାରେ କବି ସଙ୍ଗମର ସଭାପତି ବାସୁଦେବ ନାପିତ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ସଂଯୁକ୍ତା ଜୀ ଓ ମୁଖ୍ୟବକ୍ତା ଭାବେ ମୟୁର ସାହିତ୍ୟ ସଂସଦର ସଭାପତି ଭାସ୍କର ଚନ୍ଦ୍ର ଦ୍ୱିବେଦୀ, ବିଶେଷ ଅତିଥି ଭାବେ କାଣିମହୁଲୀ ଶ୍ରୀବିଦ୍ୟା ବିହାରର ଅଧକ୍ଷ କୃତିବାସ ଦାସ, ସମ୍ମାନିତ ଅତିଥି ସିଭିଲ ସୋସାଇଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, ପଦ୍ମମାଳୀର ସଂପାଦିକା ପ୍ରଭାତୀ ମହାନ୍ତି, ଅଧାପିକା କଜ୍ଜଳତା ବେହେରା, ଅବସରପ୍ରାପ୍ତା ପ୍ରଫେସର ଉଷା ଶତପଥୀ ପ୍ରମୁଖ ମଂଚାସୀନ ଅତିଥିଗଣ ଉତ୍କଳ ଦିବସ ପାଳନର ବିଶେଷତା ଉପରେ ଆଲୋକପାତ କରିଥିଲେ । ରୋଟାରୀ କ୍ଲବ୍ ସଭାପତି ଗିରିଧାରୀ ସାହୁ ଓ ସଂପାଦକ ରବୀନ୍ଦ୍ର ନାଥ ମିଶ୍ର , ଆଇନଜୀବୀ ଅର୍ଣ୍ଣବ କୁମାର ଘୋଷ , ଗୌତମ ଚନ୍ଦ୍ର ବେହେରା, ମୀନ କେତନ ମହାନ୍ତି, ପର୍ଶୁରାମ ସାହୁ , ରାଜନେତା ବିଶ୍ୱନାଥ ହେମ୍ବ୍ରମ , ସିଦ୍ଧାର୍ଥ ଅଗ୍ରୱାଲ,ପ୍ରକାଶ ବେହେରାଙ୍କ ଉପସ୍ଥିତି ସହ କମଳ ଲୋଚନ କର, ପପୁବାବୁ, ଚନ୍ଦନ ଦାସ ସହଯୋଗ କରିଥିଲେ । ସଂଘର କାର୍ଯ୍ୟକ୍ରମର ସଂଯୋଜନା ବନ ମୟୁରୀର ସଂପାଦକ ନୀରଦ ସୁନ୍ଦର ଜେନା କରିଥିଲା ବେଳେ ବେତନଟୀର ଦୀପକ କୁମାର ମିଶ୍ର ସଂଗୀତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଗଣ ସ୍ୱାଗତ ସଂଗୀତ ସହ ଉତ୍କଳ ଜନନୀ ବନ୍ଦନା ଗାନ କରିଥିଲେ । କୁନାଳ କୁମାର ନାୟକ ଓ ପ୍ରଣତୀ ବେହେରାଙ୍କ ପ୍ରଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ଏବଂ ଶେଷରେ ମୟୂର ସାହିତ୍ୟ ସଂସଦର ଉପସଭାପତି ଗୌତମ ଚନ୍ଦ୍ର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ

# ବାଲ୍ୟ ବିବାହ ଦୂରୀକରଣ ସମ୍ବନ୍ଧୀୟ ଆଇନ ସଚେତନତା ଶିବିର

ଜୟପୁର : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ବାଲ୍ୟ ବିବାହ ଦୂରୀକରଣ ସକାଶେ ସରକାରୀ ଏସ ଏସ ଡି ବାଳିକା ଉଚ୍ଚ ବିଦ୍ୟାଳୟ, ମକାପୁଟ ଠାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି କୋରାପୁଟ ଅଧକ୍ଷା ଡ. ବି ଗାୟତ୍ରୀ ଦେବୀ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ମଧରେ ଚିଫ୍ ଲିଗାଲ ଏଡ ଡିଫେନ୍ସ କାଉନସେଲ, ପ୍ରମୋଦ କୁମାର ଦାଶ, ଡେପୁଟି ଲିଗାଲ ଏଡ ଡିଫେନ୍ସ କାଉନସେଲ କେ. ଦିବାକର ରାଓ ଏବଂ ପ୍ରଧାନ ଶିକ୍ଷକ ରାଜକିଶୋର ପାଇକରାଏ ପ୍ରମୁଖ ଯୋଗଦେଇଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଲସା ଆଶା (ସଚେତନତା, ସମର୍ଥନ, ସାହାଯ୍ୟ ଏବଂ କାର୍ଯ୍ୟ) ବାଲ୍ୟବିବାହର ପୀଡିତମାନଙ୍କୁ ରୋକିବା, ସୁରକ୍ଷା ଦେବା ଏବଂ ପୁନର୍ବାସ କରିବା ପାଇଁ ଜାତୀୟ ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ଆରମ୍ଭ ହୋଇଥିବା ଏକ ବ୍ୟାପକ ଆଇନଗତ ଢାଂଚା, ଯାହା ଏହି ପ୍ରଥାକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହା ବାଲ୍ୟବିବାହ ନିଷେଧ ଆଇନ ବିଷୟରେ ସଚେତନତାକୁ ପ୍ରୋତ୍ସାହିତ କରିବା ସହିତ ଆଇନଗତ, ଚିକିତ୍ସା ଏବଂ ମାନସିକ ସହାୟତା ପ୍ରଦାନ କରିବା ପାଇଁ ଏକ ସାଂସ୍ଥାଗତିକ ଯନ୍ତ୍ରପାତି ସୃଷ୍ଟି କରେ ଏହା ସହିତ ୧ ବର୍ଷରୁ କମ୍ ବୟସର ପୁରୁଷ ଏବଂ ୧୮ ବର୍ଷରୁ କମ୍ ବୟସର ମହିଳା । ଅବ୍ୟାହତ ବିବାହ: ବିବାହ ସମୟରେ ଶିଶୁ ଥିବା ଚୁକ୍ତିନାମାକାରୀ ପକ୍ଷର ଇଚ୍ଛାରେ ବାଲ୍ୟ ବିବାହ ବାତିଲ କରାଯାଇ ପାରିବ । ସାବାଳକ ହେବା ପରେ ଦୁଇ ବର୍ଷ ମଧରେ ବିବାହ ବାତିଲ ପାଇଁ ଆବେଦନ ଦାଖଲ କରାଯାଇ ପାରିବ । ଅବ୍ୟାହତ ପରିସ୍ଥିତି: ଯଦି ପିଲାକୁ ପିତାମାତାଙ୍କ ହେପାଜତରୁ ନିଆଯାଇଥାଏ କିମ୍ବା ପ୍ରଲୋଭିତ କରାଯାଇଥାଏ, ବିକ୍ରି କରାଯାଇଥାଏ କିମ୍ବା ବିବାହ ପାଇଁ ଚାଲାଣ କରାଯାଇଥାଏ, ତେବେ ବାଲ୍ୟ ବିବାହକୁ ଅବ୍ୟାହତ (ଅବ୍ୟାହତ) ବୋଲି ବିବେଚନା କରାଯାଏ । ଏହି ଆଇନରେ ବାଳକଙ୍କୁ ବିବାହ କରୁଥିବା ବୟସ୍କ ବ୍ୟକ୍ତି କିମ୍ବା ବାଳ ବିବାହ କରୁଥିବା, ପରିଚାଳନା କରୁଥିବା, ନିର୍ଦ୍ଦେଶ ଦେଉଥିବା କିମ୍ବା ପ୍ରୋତ୍ସାହିତ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ଏବଂ/ଅଥବା ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଅଛି ବୋଲି ଶିବିରରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

ନୂଆପଡ଼ା : ନୂଆପଡ଼ା ଜିଲ୍ଲାରେ ଜିଲ୍ଲା ସ୍ତରୀୟ ୯୧ ତମ ଓଡିଶା ଦିବସ ତଥା ୩୪ତମ ଜିଲ୍ଲା ତିଷ୍ଠା ଦିବସ ସମରୋହ ଆଜି ଜିଲ୍ଲା ସଦର ମହକୁମା ସ୍ଥିତ ନେସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ, ସକାଳ ଘ. ୦୮.୩୦ ଟିକା ସମୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରି ହୋଇଥିଲା । ପରେ ଏକତା ଛକରେ ଅବସ୍ଥିତ ଘାସିରାମ ମାଝୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ନେସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଡିଏଫଓ (ବନ୍ୟପ୍ରାଣୀ) ସମୀର ସାହୁ, ଜିଲ୍ଲା କ୍ରିଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାପାଳ ତାଙ୍କ ଉଦ୍ବୋଧନରେ କହିଥିଲେ ଯେ, ଓଡିଶାକୁ ଭାଷା ଆଧାରରେ ସ୍ୱତନ୍ତ୍ର ରାଜ୍ୟ ରୂପେ ଗଠନ କରିବାରେ ଯେଉଁ ବରପୁତ୍ର ମାନଙ୍କ ଅମୂଲ୍ୟ ଅବଦାନ ରହିଛି, ସେମାନଙ୍କୁ କେବଳ ସ୍ମରଣ କରିବାରେ ଆମେ ସୀମିତ ରହିବା ଉଚିତ୍ ନୁହେଁ; ବରଂ ସେମାନଙ୍କ ଆଦର୍ଶ ଓ କାର୍ଯ୍ୟକୁ ଅନୁସରଣ କରିବା ଦ୍ୱାରା ସମାଜ ଓ ଜିଲ୍ଲାର ସର୍ବାଙ୍ଗୀଣ ଉନ୍ନତି ସମ୍ଭବ । ନୂଆପଡ଼ାକୁ ଏକ ଉନ୍ନତ ଜିଲ୍ଲାରେ ରିଣତ କରିବା ପାଇଁ ସମସ୍ତଙ୍କ ସକ୍ରିୟ ସହଭାଗିତା ଅତ୍ୟାବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ସଭାରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ଏହି ସଭାରେ ସାମ୍ବାଦିକ ସୀମାଂଚଳ ମହାପାତ୍ର ମଂଚ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଧନ୍ୟବାଦ ଜ୍ଞାନ କରି ସଭାର ସମାପନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସାମ୍ବାଦିକ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ ।

# ମା' ବାସୁଳୀ ଓ ଶୀଖରେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ ଅନୁଷ୍ଠିତ

ଚମ୍ପୁଆ : ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ୍ ନାରଦପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ମା ବାସୁଳୀ ଓ ବାବା ଶୀଖରେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ ଦୁଇଦିନ ଧରି ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ କଲୋନୀରେ ନବନିର୍ମିତ ହୋଇଥିବା ମା ବାସୁଳୀଙ୍କ ମନ୍ଦିର ପ୍ରତିଷ୍ଠା ସାଙ୍ଗକୁ ପୁରୁଣା ଚମକପୁର ଗ୍ରାମରେ ରହିଥିବା ବାବା ଶୀଖରେଶ୍ୱର ମହାଦେବଙ୍କୁ କଳସ ଯାତ୍ରାରେ ଆଣି ଅସ୍ଥାୟୀ ଶିବ ମନ୍ଦିରରେ ପୁନଃଥଇଥାନ କରାଯାଇଥିବାବେଳେ ତା'ପର ଦିନ ମା ବାସୁଳୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ରଥରେ ବସାଇ ବାଦ୍ୟ, ସଂଗୀତ, ନାଚଗୀତ ତଥା ଭକ୍ତିମୟ ପରିବେଶରେ ବିରାଟ ଶୋଭାଯାତ୍ରାରେ ପୁରୁଣା ଗ୍ରାମରୁ ଆଣି ନବ ନିର୍ମିତ ମନ୍ଦିରରେ ପୁନଃଥଇଥାନ କରାଯାଇଥିଲା । ଏହି ଅବସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ସେମାନଙ୍କ ପାଇଁ କମିଟି ଜରିଆରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଯେ, ଚମକପୁର ଗ୍ରାମଟି ରାଜାରାଜୁଡ଼ା ଅମଳରୁ ଦଣ୍ଡପାଟ ଅଂଚଳ ଭାବରେ ପରିଚିତ ଥିବାବେଳେ ଅନେକ ଦେବାଦେବୀ ପୂଜା ପାଇ ଆସୁଥିଲେ । କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିବା ଦିଗରେ ମା ବାସୁଳୀ ମେଳା କମିଟିର ସଭାପତି ଲିଙ୍ଗରାଜ ନାଏକ, ସମ୍ପାଦକ ପୁରୁଷୋତମ ନାଏକ, କୋଷାଧକ୍ଷ ଇଶ୍ୱର ଚନ୍ଦ୍ର ନାଏକ, ଶୀଖରେଶ୍ୱର ମନ୍ଦିର କମିଟିର ସଭାପତି ଅମର ନାଏକ, ସମ୍ପାଦକ ବିଚିତ୍ରାନନ୍ଦ ଦାସ, କୋଷାଧକ୍ଷ ଦୁଷ୍ମନ୍ତ ବେହେରା, ଅର୍ଜୁନ ବେହେରା, ସନ୍ତୋଷ ଦାସ, ଅକ୍ଷୟ ନାଏକ, ଧବଳେଶ୍ୱର ନାଏକ, ଚୌଧୁରୀ ନାଏକ, ଶିବ ସୁନ୍ଦର କାଣ୍ଡି, ହରଜିତ ଦାସ, ବିକି ନାଏକ, ଯଜ୍ଞସେନ ନାଏକ, ଦିବ୍ୟ ରଞ୍ଜନ ଦାସ, ଟଙ୍କଧର ବାରିକ, ବିକାଶ ନାଏକ, ତପନ ଦାସ, ବୁଧୁ ମୁଣ୍ଡାଙ୍କ ସହ ଗ୍ରାମବାସୀ ତଥା ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଜନମୁକ୍ତି ଅନୁଷ୍ଠାନର ୩୦ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମପଂଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଜନମୁକ୍ତି ଅନୁଷ୍ଠାନର ସଭାପତି ବୈକୁଣ୍ଠ ବନଛୋରଙ୍କ ସଭାପତିତ୍ୱରେ ୩୦ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁରିବାହାଲ , ବେଲପଡ଼ା ଓ ତୁରେକେଲା ବ୍ଲକର ବିଭିନ୍ନ ଗ୍ରାମାଚଂଳରୁ ଶତାଧିକ ମହିଳା ଓ ପୁରୁଷ ସଭ୍ୟ ସଭ୍ୟା ସକ୍ରିୟ ଭାବେ ଅଂଶ ଗ୍ରହଣ କରି ଥିଲେ । ଭଜରାମ ସାହୁ ସଭାସଂଚାଳନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଭଗବାନ ମହାନ୍ତି, ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ବଘାର, ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଭାପତି ଦୁର୍ଗାନନ୍ଦ ମହାକୁର ଏବଂ ପରିଚାଳନା କମିଟିରୁ ଟେଭା ସଗରିଆ, କପିଳାସ ଭୋଇ, ସଞ୍ଜୀବ କୁମାର ବାରିକ, ସୁବର୍ଣ୍ଣ ବାଗ ଓ ଲଳିତ ରଣା ମଂଚାସୀନ ଥିଲେ । ଏହି ସଭାରେ ଆଗତ ପ୍ରସ୍ତାବ ଅନୁଯାୟୀ ଅନୁଷ୍ଠାନର ବାର୍ଷିକ ପ୍ରଗତି ବିବରଣୀ ୨୦୨୫-୨୬ ଓ ବାର୍ଷିକ ଆର୍ଥିକ ବିବରଣୀ ଉପସ୍ଥାପନ ହୋଇଥିବା ସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅଡିଟର ନିଯୁକ୍ତି ଏବଂ ବାର୍ଷିକ ଯୋଜନା ଅଟକଳ ଗୃହୀତ କରାଯାଇଥିଲା । ଆବଶ୍ୟକତା ଓ ବର୍ତମାନର ପରିଚାଳନା କମିଟିଙ୍କ ସଫଳ ପରିଚାଳନାକୁ ଦେଖି ଏହି କମିଟିର ଅବଧିକୁ ଆଗାମୀ ୫ ବର୍ଷ ପାଇଁ ବୃଦ୍ଧି କରିବାକୁ ମଞ୍ଜୁରୀ ଦେଇ ତାଙ୍କର କାର୍ଯ୍ୟ ଜାରି ରଖିବାଲାଗି ମଧ ନିଷ୍ପତି ଗ୍ରହଣ କରାଯାଇଥିଲା । ଅତିଥିମାନେ ଜନମୁକ୍ତି ଅନୁଷ୍ଠାନର ୩୦ବର୍ଷର ସଫଳ ଯାତ୍ରାକୁ ପ୍ରଶଂସା ପୂର୍ବକ ସ୍ୱାସ୍ଥ୍ୟ, ଶିକ୍ଷା, ଦାଦନମୁକ୍ତି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଗ୍ରାମସ୍ତରରେ କରାଯାଇଥିବା କାର୍ଯ୍ୟକୁ ସ୍ୱାଗତ କରିଥିଲେ । ବିଶେଷକରି କୋଭିଡ୍ ମହାମାରୀ ସମୟରେ ଘରେ ଘରେ ପହଂଚି ଜନସଚେତନତା ସୃଷ୍ଟି, ସମ୍ପୂର୍ଣ୍ଣ ଟୀକାକରଣ ଏବଂ ଆବଶ୍ୟକ ଖାଦ୍ୟ ଓ ସହାୟତା ସାମଗ୍ରୀ ବଂଟନକୁ ଅତିଥି ଗଣ ପ୍ରଶଂସା କରିଥିଲେ । ଅନୁନ୍ନତ ମୁରିବାହାଲ ଅଂଚଳରେ ତୃଣମୂଳ ସ୍ତରରେ ଅନୁଷ୍ଠାନର ସଫଳ କାର୍ଯ୍ୟନିଷ୍ଠାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଦୁର୍ଗାନନ୍ଦ ମହାକୁର, ପ୍ରଫୁଲ କୁମାର ବଘାର, ସୁବର୍ଣ୍ଣ ବାଗ ଓ ଶ୍ରୀ କପିଳାସ ଭୋଇଙ୍କୁ ମାନପତ୍ର ଓ ଟ୍ରଫି ସହ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଚାଳନ ପାଇଁ ଚିତ୍ରଲେଖା ସାହୁ ସହଯୋଗ କରିଥିବା ବେଳେ ଚନ୍ଦନ ମେହେର, ସଞ୍ଜିତା ହାତୀ, କିରଣ ଜାଲ ଓ ଧର୍ମା ସାହୁ ସହଯୋଗ କରିଥଲେ । ଅନୁଷ୍ଠାନର କର୍ମୀ ଗୋପାଳ ମେହେର, ବିଧୁ ବାଗ, ଝସକେତନ ବସ୍ତିଆ, ସୁଶୀଲ ସାହୁ, ଜାନକୀ ଭୋଇ, କୁମୁଦିନୀ ପାତ୍ର, ବୈଷ୍ଣବୀ ମହାକୁର, ବିଦେଶୀ ବୁଡ଼େକ, ମତୀନ୍ଦ୍ର ବାଗ, ଚନ୍ଦ୍ର ଚରଣ ସାହୁ, ପିଙ୍କି ଶିଖା, ସୁଶୀଲ ବାଗ, ଚନ୍ଦ୍ରକାନ୍ତ ହଂସ, ବୈଷ୍ଣବ ଛତର, ବିକ୍ରମ ରଣା ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ଶ୍ରୀ ପ୍ରକାଶ କୁମାର ବନ୍ଦିଛୋର ଧନ୍ୟବାଦ ଜ୍ଞାପନ କରି ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା ।

# ଗୁଣି ଗାରେଡ଼ି ସନ୍ଦେହରେ ବୋହୂ ଶାଶୁକୁ ହାଣିଲା

ଉଦଳା (ନି ପ୍ର ) ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ରେ ୬ ନମ୍ବର ୱାର୍ଡ ରେ ବୋହୂ ଶାଶୁ କୁ ପାନିଖି ରେ ହଣିଛି ।ଜଣାଯାଏ ସନ୍ଧ୍ୟା ସମୟରେ ଶାଶୁ ସାବିତ୍ରୀ ବାହାର ବାରଣ୍ଡା ରେ ବସି ଥିବା ସମୟରେ ବୋହୂ ମାମି ଆସି ଶାଶୁ ଙ୍କୁ ଭିତରକୁ ଘୋଷାରି ଏକ ବାଡ଼ିରେ ପିଟିବା ପରେ ପୁଅ କୁଲୁ ସାମ୍ନାରେ ଏକ ପନିଖି ରେ ହାଣି ଥିଲା । ଗ୍ରାମବାସୀ ପାଟି ଶୁଣି ଆସି ଶାଶୁ ଙ୍କୁ ଉଦ୍ଧାର କରି ପୋଲିସ କୁ ଖବର ଦେଇଥିଲେ ଓ ଡାକ୍ତରଖାନା ।ନେଇଥିଲେ । ଶାଶୁ ଗୁଣ କରି ଅଶାନ୍ତ କରୁଥିବା ରୁ ବୋହୂ ଶାଶୁ କୁମାରି ଦେବା କୁ ଉଦ୍ୟମ କରି ଥିଲା ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ

ଚମ୍ପୁଆ : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଓଡ଼ିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ଚିତରଞ୍ଜନ ମହାନ୍ତ ଆଦି ମଂଚାସୀନ ଥିଲେ । ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଆଚାର୍ଯ୍ୟ ଚିତରଞ୍ଜନ ମହାନ୍ତ ଓଡ଼ିଶା ଦିବସ ପ୍ରସଙ୍ଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରିଥିଲେ । ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ଓଡ଼ିଶାର ବରପୁତ୍ରମାନଙ୍କର ଓଡ଼ିଶା ପ୍ରଦେଶ ଗଠନରେ ଭୂମିକା ବିଷୟରେ ଅବଗତ କରିଥିଲେ । ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଛାତ୍ରଛାତ୍ରୀ ଓଡ଼ିଶାର ବରପୁତ୍ରମାନଙ୍କର ତୈଳଚିତ୍ରରେ ପୁଷ୍ପ ପ୍ରଦାନ କରିବା ସହିତ ସମବେତ ଭାବେ ଓଡ଼ିଶାର ଜାତୀୟ ସଂଗୀତ 'ବନ୍ଦେ ଉତ୍କଳଜନନୀ' ଗାନ କରିଥିଲେ । ଏଥିସହିତ ବିଦ୍ୟାଳୟର ପଣ୍ଡିତ କପିଳେନ୍ଦ୍ର ସାମନ୍ତରା ବୈଦିକ ରୀତିରେ ବିଦ୍ୟାରମ୍ଭ ଯଜ୍ଞ ସମାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ ।

# ରନ୍ଧନ ଗ୍ୟାସ ବିସ୍ଫୋରଣ: ଅଳ୍ପକେ ବର୍ତିଲେ ପରିବାର

କନ୍ଧମାଳ : କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ମୁଖ୍ୟ ବଜାର ସ୍ଥିତ ଦୁଷ୍ମନ୍ତ ସାହୁ ନାମକ ବ୍ୟବସାୟୀ ଙ୍କ ବାସଭବନ ରୋଷେଇ ଘରେ ରନ୍ଧନ ଗ୍ୟାସ ଫାଟିବାରୁ ଅଳ୍ପକେ ବର୍ତିଲେ ଦୁଷ୍ମନ୍ତ ସାହୁ ଙ୍କ ପତ୍ନୀ ଓ ଦୁଇ ପୁଅ । ଘଟଣା ରୁ ପ୍ରକାଶ ଯେ ପ୍ରତିଦିନ ଭଳି ଆଜି ମଧ ଦୁଷ୍ମନ୍ତ ଙ୍କ ପତ୍ନୀ ନିଜ ନିତ୍ୟକର୍ମ ସାରି ରୋଷେଇ ଘରେ ଗ୍ୟାସ ମାଧ୍ୟମରେ ରୋଷେଇ କରୁଥିବା ସମୟରେ ହଠାତ ଚୁଲା ରୁ ଗ୍ୟାସ ହାଣ୍ଡିକୁ ସଂଯୋଗ କରୁଥିବା ପାଇପ ରେ ନିଆଁ ଲାଗିଯିବାରୁ ନିଆଁ କୁ ଦେଖି ଭୟଭୀତ ହୋଇ ଦୁଷ୍ମନ୍ତ ସାହୁ ଙ୍କ ସ୍ତ୍ରୀ ଚିତ୍କାର କରି ବାହାରକୁ ଦୌଡ଼ି ଆସିଥିଲେ ।

# ଭାରତୀୟ ଶାସନ ବ୍ୟବସ୍ଥାରେ ମିଶନ କର୍ମଯୋଗୀର ନୂତନ ଅଧ୍ୟାୟ

ଡକ୍ଟର ଜିତେନ୍ଦ୍ର ସିଂହ

ଆପଣ ଥରେ କଳ୍ପନା କରନ୍ତୁ, ରାଜସ୍ଥାନର ଦୂରଦୂରାନ୍ତର ଏକ ଅଂଚଳରେ କାର୍ଯ୍ୟରତ ଜଣେ ଜିଲ୍ଲା କଲେକ୍ଟରଙ୍କୁ ଏକ ମହତ୍ୱାକାଂକ୍ଷୀ କଲ୍ୟାଣ ଯୋଜନାର ଦାୟିତ୍ୱ ଦିଆଯାଇଛି, ଯାହା ସମ୍ପର୍କରେ ତାଙ୍କର ଜ୍ଞାନ ସୀମିତ । ମାତ୍ର ଏକ ଦଶନ୍ଧି ପୂର୍ବରୁ, ଏହି ସୂଚନା ଅଧିଗମ କରିବା ପାଇଁ ତାଙ୍କୁ ଅନେକ ନିୟମାବଳୀ ପୃଷ୍ଠା ଖୋଜିବାକୁ ପଡୁଥିଲା, ବରିଷ୍ଠ ଅଧିକାରୀଙ୍କ ସହ ଏକାଧିକ ବୈଠକ କରିବାକୁ ହେଉ କିମ୍ବା ଦୀର୍ଘ ସମୟ ଧରି ଆଲୋଚନାର ଅପେକ୍ଷା କରିବାକୁ ପଡୁଥିଲା । ତାଙ୍କର ନିର୍ଭରତା ବର୍ଷେ କିମ୍ବା ଦୁଇ ବର୍ଷରେ ଥରେ ହେଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ରହୁଥିଲା, ଯାହା ଦ୍ରୁତ ଓ ପ୍ରୟୋଗାଧାରିତ ଆବଶ୍ୟକତା ପୂରଣରେ ସବୁବେଳେ ସକ୍ଷମ ହେଉନଥିଲା । କିନ୍ତୁ ଆଜି ସେ ନିଜର ଫୋନ୍ ମାଧ୍ୟମରେ ଆଇଗଟ୍ (ଇ[ଗ୍ରେଟେଡ୍ ଗଭର୍ଣ୍ଣମେ[ ଅନଲାଇନ୍ ଟ୍ରେନିଂ ପ୍ଲାଟଫର୍ମ)ରେ ହିଁ ଲଗଇନ୍ କରିପାରୁଛନ୍ତି । ତାଙ୍କୁ ମାତ୍ର ମିନିଟିଏ ଭିତରେ ନିଜର ଆବଶ୍ୟକ ଅନୁରୂପ ଏକ ସୁବ୍ୟବସ୍ଥିତ କାର୍ଯ୍ୟକୁଶଳତା ଆଧାରିତ ପାଠ୍ୟକ୍ରମ ମିଳି ପାରୁଛି । ସେ ସନ୍ଧ୍ୟା ସୁଦ୍ଧା ସେହିସବୁ ସୂଚନାଗୁଡ଼ିକୁ ଏବଂ ଆତ୍ମବିଶ୍ୱାସର ସହିତ ସଜ୍ଜିତ ହୋଇ ଯୋଜନାର ଲାଭାର୍ଥୀମାନଙ୍କ ସାଙ୍ଗରେ ପ୍ରଥମ ବୈଠକରେ ଅଧ୍ୟକ୍ଷତା କରିବା ସକାଶେ ସକ୍ଷମ ହୋଇପାରୁଛନ୍ତି । ଏଭଳି ପରିବର୍ତ୍ତନ ଦେଖିବାକୁ କ୍ଷୁଦ୍ର ଲାଗୁଥାଇପାରେ, କିନ୍ତୁ ବାସ୍ତବ ପକ୍ଷେ ଏହା ଯେ କୌଣସି ଏକ ବିପ୍ଳବ ଠାରୁ କମ୍ ନୁହେଁ, ଏହା ଅବଶ୍ୟ ସ୍ୱୀକାର୍ଯ୍ୟ । କୌଣସି ପ୍ରକାର ଚାକଚକ୍ୟଠାରୁ ଦୂରରେ ରହି, ଧୈର୍ଯ୍ୟର ସହିତ ପାଂଚ ବର୍ଷ ପୂର୍ବରୁ ଆରମ୍ଭ କରାଯାଇଥିବା ମିଶନ କର୍ମଯୋଗୀ ଏଭଳି ଏକ ବିପ୍ଳବକୁ ସାକାର କରିପାରିଛି । ଏହା ନୂତନ ଭାରତ ନିମନ୍ତେ ଏକ ନୂତନ କିସମର ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଚୁପଚାପ୍ ନିଜର କାର୍ଯ୍ୟ ସଂପାଦନ କରିବାରେ ନିୟୋଜିତ ରହିଛି । ଏହାର ମହତ୍ୱକୁ ବୁଝିବା ନିମନ୍ତେ ଆମକୁ ପ୍ରଥମେ ଏହି ସନ୍ଦର୍ଭକୁ ଉତମ ରୂପେ ଜାଣିବାକୁ ହେବ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ପର୍ଯ୍ୟନ୍ତ କେବଳ ଆମେ ଏତେ ସହଜରେ ପହଂଚି ପାରିବାନାହିଁ । ଏହି ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ପହଂଚିବା ପାଇଁ ଆମକୁ ଭାରତର ଗଣତନ୍ତ୍ରକୁ ଚଳାଉଥିବା ସଂସ୍ଥାମାନଙ୍କୁ ଏବଂ ନାଗରିକ ମାନଙ୍କ ମାଧ୍ୟମରେ ସାବଧାନତାର ସହିତ ଗୋଟିଏ ଗୋଟିଏ ପଦକ୍ଷେପ ଗ୍ରହଣ କରି ଆଗକୁ ଅଗ୍ରସର ହେବାକୁ ପଡ଼ିବ । ଏହି ଯାତ୍ରାରେ ସବୁଠାରୁ ମହତ୍ୱପୂର୍ଣ୍ଣ ପୁଞ୍ଜି ପ୍ରାଦ୍ୟୋଗିକୀ ଅଥବା ନୀତି ନୁହେଁ । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସେହି ହାରାହାରି ୩.୫ କୋଟି ପ୍ରଶିକ୍ଷିତ, ଉତ୍ସାହୀ ଏବଂ ନାଗରିକ କୈନ୍ଦ୍ରିକ ସରକାରୀ କର୍ମଚାରୀମାନଙ୍କ କ୍ଷମତା ଯାହା ପ୍ରତିଦିନ ସକାଳୁ ଉଠି ଭାରତୀୟ ଶାସନ ସଂଚାଳନ କରିବାରେ ନିୟୋଜିତ ରହିଥାଆନ୍ତି । ସ୍ୱାଧୀନ ଭାରତର ଇତିହାସରେ ଅଧିକତର ସମୟ କ୍ଷମତା ନିର୍ମାଣର ମଡେଲ ସାଂଯୋଗିକ ରହିଛି । କୌଣସି ଜଣେ ଯୁବ ଅଧିକାରୀଙ୍କୁ ସେବାର ପ୍ରାରମ୍ଭିକ ଅବସ୍ଥାରେ ଔପଚାରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା । ପୁନଶ୍ଚ କ୍ୟାରିଅର ମଧ୍ୟରେ ତାଙ୍କୁ କିଛି ପାଠ୍ୟକ୍ରମରେ ଅଂଶ ଗ୍ରହଣ କରିବାର ଅବସର ମିଳିପାରୁଥିଲା । ଅବଶିଷ୍ଟ ସମୟରେ ତାଙ୍କୁ କାର୍ଯ୍ୟ ସଂପାଦନ କରି ଏବଂ ଅନ୍ୟମାନଙ୍କୁ ଦେଖି କିଛି ଶିକ୍ଷା ଲାଭ କରିବାକୁ ହେଉଥିଲା । ଏକ ସ୍ଥିର ଏବଂ ମନ୍ଥର ଗତିରେ ଆଗକୁ ବଢୁଥିବା ବିଶ୍ୱ ପାଇଁ ଏହା ପର୍ଯ୍ୟାପ୍ତ ଥିଲା । କିନ୍ତୁ କୃତ୍ରିମ ପ୍ରଜ୍ଞା, ଜଳବାୟୁ ପରିବର୍ତ୍ତନ, ଜନସାଂଖ୍ୟିକ ଚାପ ଏବଂ ମାତ୍ରାଧିକ ପ୍ରାଦ୍ୟୋଗିକୀୟ ପରିବର୍ତ୍ତନ ଯୁଗରେ ଏହା କଦାପି ପର୍ଯ୍ୟାପ୍ତ ବୋଲି ବିବେଚନା କରାଯାଇ ନପାରେ । ପ୍ରଶାସନ ସମ୍ମୁଖରେ ଯେଉଁସବୁ ସମସ୍ୟା ଯେଉଁ ଗତିରେ ଆସିବାରେ ଲାଗିଛି, ତାହା ସାମ୍ନାରେ ପ୍ରଶିକ୍ଷଣର ପୁରୁଣା ପ୍ରଣାଳୀଗୁଡ଼ିକର ଗତି କଦାପି ତିଷ୍ଠି ରହିପାରିବ ନାହିଁ । ତେଣୁ 'ମିଶନ କର୍ମଯୋଗୀ'କୁ ଏହି ଜରୁରୀ ସ୍ଥିତିର ସମାଧାନ କରିବା ନିମନ୍ତେ ଆରମ୍ଭ କରାଯାଇଛି । ୨୦୨୧ ମସିହାରେ ଆରମ୍ଭ କରାଯାଇଥିବା ଏହି ମିଶନ- ଯାହାକୁ ସେହି ବର୍ଷ ଏପ୍ରିଲ ମାସରେ ସ୍ଥାପିତ 'କ୍ଷମତା ନିର୍ମାଣ ଆୟୋଗ' ଦ୍ୱାରା ସଂସ୍ଥାଗତ ଭାବରେ ସଂଚାଳନ କରାଯାଇଥିଲା, ବାସ୍ତବପକ୍ଷେ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏହା ଆଗକୁ ବଢ଼ି ଚାଲିଛି । ଭାରତୀୟ ସିଭିଲ ସେବାଗୁଡ଼ିକର ଶିକ୍ଷଣ ସଂସ୍କୃତିକୁ, ସମୟାନ୍ତରେ ସେଥିରେ ହେବାକୁ ଥିବା ଏବଂ କେବଳ ନିୟମକୁ ପାଳନ ପର୍ଯ୍ୟନ୍ତ ସୀମିତ ପ୍ରକ୍ରିୟାରୁ ବଦଳାଇ, ଏକ ନିରନ୍ତର ଚଳନକ୍ଷମ, ଭୂମିକା - ଆଧାରିତ ଏବଂ ସ୍ୱୟଂ ନିର୍ଦ୍ଦେଶିତ ବିକାଶ ଯାତ୍ରାରେ ରୂପାନ୍ତରୀତ କରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ । ଆୟୋଗ ଯେପରି ଭାବରେ ଏହାର ବର୍ଣ୍ଣନା କରେ, ଏହା ପରିବର୍ତ୍ତନ 'କର୍ମଚାରୀ' - ଅର୍ଥାତ୍ ଜଣେ କାର୍ଯ୍ୟକର୍ତା ଯିଏ କେବଳ ନିୟମ ପାଳନ କରନ୍ତି - ଜଣେ 'କର୍ମଯୋଗୀ' ହେବାରେ ଏକ ପରିବର୍ତ୍ତନକୁ ଚିହ୍ନିତ କରେ: ଉଦ୍ଦେଶ୍ୟ, ସେବା ମନୋଭାବ ଏବଂ ଉତ୍କର୍ଷତା ଦ୍ୱାରା ଚାଳିତ ଏକ ସରକାରୀ ସେବକ । ପାଂଚ ବର୍ଷ ପରେ, ଏହି ମାତ୍ରା ଅତ୍ୟନ୍ତ ଶିକ୍ଷାପ୍ରଦ ହୋଇପାରିଛି । 'ଆଇଗଟ' (ଇଂଟିଗ୍ରେଟେଡ୍ ଗଭର୍ଣ୍ଣମେଂଟ ଅନଲାଇନ ଟ୍ରେନିଂ) ପ୍ଲାଟଫର୍ମରେ ବର୍ତମାନ ୧.୫ କୋଟିରୁ ଅଧିକ ସରକାରୀ ଅଧିକାରୀ ସକ୍ରିୟ ଶିକ୍ଷାର୍ଥୀ ଭାବରେ ଯୋଡ଼ି ହୋଇଛନ୍ତି- ଏହା ଏଭଳି ଏକ ସଂଖ୍ୟା, ଯାହା ପ୍ରାରମ୍ଭିକ ସମୟରେ ସମ୍ପୂର୍ଣ୍ଣ କାଳ୍ପନିକ ଲାଗୁଥିଲା । ୪.୬୦୦ରୁ ଅଧିକ ଯୋଗ୍ୟତା ଆଧାରିତ ପାଠ୍ୟକ୍ରମ ମାଧ୍ୟମରେ, ଏହିସବୁ ଅଧିକାରୀମାନେ ୮.୩ କୋଟିରୁ ଅଧିକ ପାଠ୍ୟକ୍ରମ ଏବେ ସୁଦ୍ଧା ସମ୍ପୂର୍ଣ୍ଣ କରିଛନ୍ତି । କେବଳ ଗତ ବର୍ଷ "ରାଷ୍ଟ୍ରୀୟ ଶିକ୍ଷଣ ସପ୍ତାହ" ଅବସରରେ, ଭାଗିଦାରୀର ପରିଣାମ ସ୍ୱରୂପ ୪.୫ ନିୟୁତ ଘଂଟାର ପାଠ୍ୟକ୍ରମ ନାମାଙ୍କନ ଏବଂ ୩.୮ ନିୟୁତ ଘଂଟାର ବାସ୍ତବିକ ଶିକ୍ଷା ଦରଜ କରାଯାଇଛି । ଏହା କେବଳ ଏକ ପ୍ରାଣହୀନ ପରିସଂଖ୍ୟାନ ନୁହେଁ । ଦରଜ କରାଯାଇଥିବା ପ୍ରତ୍ୟେକ ଘଂଟା ଭାରତର କୌଣସି ନା କୌଣସି ଜଣେ ଲୋକ ସେବକଙ୍କ ପ୍ରତିନିଧିତ୍ୱ କରିଥାଏ – ଛତିଶଗଡ଼ର ଏକ ରାଜସ୍ୱ ନିରୀକ୍ଷକ, ପୁଣେରେ ଏକ ସହରାଂଚଳ ସ୍ଥାନୀୟ ପୌର ଅଧିକାରୀ, ମଣିପୁରରେ ଜଣେ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତା, ଏମାନେ ସମସ୍ତେ ନିଜର ସାଥୀ ନାଗରିକମାନଙ୍କୁ ଉତମ ସେବା ପ୍ରଦାନ କରିବା ନିମନ୍ତେ ନିଜର କ୍ଷମତାକୁ ବୃଦ୍ଧି କରିଛନ୍ତି । ଯେଉଁ କଥା ଆଇଗଟ ପ୍ଲାଟଫର୍ମକୁ ବାସ୍ତବରେ ପରବର୍ତନକାରୀ ବୋଲି ପ୍ରମାଣିତ କରେ, ତାହା କେବଳ ଏକ ଉପକ୍ରମ ନୁହେଁ, ବରଂ ଏହାର "ପହଂଚର ସଂରଚନା' ଅଟେ । ଏହା ଯେ କୌଣସି ସମୟ ଏବଂ ଯେକୌଣସି ସ୍ଥାନରେ, ସ୍ମାର୍ଟଫୋନ୍ କିମ୍ବା ଡେସ୍କଟପରେ, ଯେକୌଣସି ଭାଷାରେ ଉପଲବ୍ଧ ଅଟେ ଏବଂ ଏହା ଶିକ୍ଷାର୍ଥୀମାନଙ୍କ ପ୍ରଫେସନାଲ ପ୍ରୋଫାଇଲ ଅନୁସାରେ ହିଁ ପ୍ରସ୍ତୁତ କରାଯାଇଛି । ପାଠ୍ୟକ୍ରମକୁ ପ୍ରତି ତିନିରୁ ଛଅ ମାସରେ ହିଁ ଅପଡେଟ୍ କରାଯାଇଥାଏ, ଯାହା ଫଳରେ ଏହା ସୁନିଶ୍ଚିତ ହୋଇଥାଏ ଯେ ଶାସନରେ କୃତ୍ରିମ ପ୍ରଜ୍ଞା (ଏ.ଆଇ) ଟୁଲର ଉପଯୋଗ କିପରି କରାଯିବ କିମ୍ବା ନୂତନ ଆର୍ଥିକ ନିୟମମାନଙ୍କୁ କିଭଳି ବୁଝାଯାଇ ପାରିବ । ଏହା ଫଳରେ ସମ୍ପର୍କିତ ସାମଗ୍ରୀ ବର୍ତମାନ ଅଧିକ ପ୍ରାସଙ୍ଗିକ ହୋଇପାରିଛି । ଅନ୍ୟ ଭାଷାରେ କହିଲେ ଏହି ପ୍ଲାଟଫର୍ମ ଧୂଳି ଜମୁଥିବା କୌଣସି ଡିଜିଟାଲ ଲାଇବ୍ରେରୀ ନୁହେଁ, ବରଂ ଏହା ଶିକ୍ଷାଲାଭ କରିବାର ଏକ ଜୀବନ୍ତ ଏବଂ ଅନୁକୂଳ ଯୋଗ୍ୟ ବ୍ୟବସ୍ଥା । ଏହା ଉପରେ ବିଚାର କରାଯିବା ଆବଶ୍ୟକ ଯେ ଏକ ଆଦିବାସୀ ଅଧୁସିତ ଜିଲ୍ଲାର ଜଣେ ଜୁନିଅର ଅଙ୍ଗନୱାଡ଼ି କାର୍ଯ୍ୟକର୍ତାଙ୍କ ନିମନ୍ତେ ଏହା କେତେ ମହତ୍ୱ ବହନ କରେ, ଯାହା ତାଙ୍କ ନିଜ ଭାଷାରେ ଶିଶୁ ପୁଷ୍ଟିସାର ମୂଲ୍ୟାଙ୍କନର ନବୀନତମ ପ୍ରୋଟୋକଲକୁ ବୁଝାଇବାର ଏକ ମଡ୍ୟୁଲ ପ୍ରାପ୍ତ ହୋଇଥାଏ । ଏହାକୁ ନିଜ ବ୍ଲକରେ କୌଣସି ଜଣେ ପ୍ରଶିକ୍ଷକ ଆସିବାକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଏହି ମଡ୍ୟୁଲ ମାଧ୍ୟମରେ ସେ ବର୍ତମାନ ତାହା ନିଜେ ଶିଖି ପାରୁଛି ଏବଂ ତଦନୁସାରେ କାର୍ଯ୍ୟ କରିପାରୁଛି । ଏହା ହେଉଛି ଏହି ମିଶନର 'ଲୋକତାନ୍ତ୍ରିକ ଲାଭାଂଶ' । କ୍ଷମତା ନିର୍ମାଣ ଆୟୋଗ, ଏହି ତନ୍ତ୍ରର ରଣନୀତିକ ସଂରକ୍ଷକ ଭାବରେ, ଏକାସଙ୍ଗେ "ବାସ୍ତୁକାର" ଏବଂ "ସଂଚାଳକ" ଉଭୟର ଭୂମିକା ନିର୍ବାହ କରୁଛି । ରାଷ୍ଟ୍ରୀୟ ନୀତି ପ୍ରସ୍ତୁତ କରୁଥିବା ଜଣେ ସଚିବଙ୍କ ଠାରୁ ଆରମ୍ଭ କରି ଗ୍ରାମ୍ୟ ସ୍ତରରେ ସେହି ବ୍ୟବସ୍ଥାକୁ ଲାଗୁ କରୁଥିବା ଜଣେ ପଂଚାୟତ ପଦାଧିକାରୀଙ୍କ ପର୍ଯ୍ୟନ୍ତ ସଭିଏଁ ଏହାକୁ ଚିହ୍ନି ପାରିଛନ୍ତି ଯେ ସାର୍ବଜନୀନ ଭୂମିକାଗୁଡ଼ିକ ବ୍ୟାପକ କ୍ଷେତ୍ରରେ କେଉଁ ଯୋଗ୍ୟତାର ଆବଶ୍ୟକତା ଲୋଡ଼େ । ଏହା ସିଭିଲ ସେବା ପ୍ରଶିକ୍ଷଣ ସଂସ୍ଥାମାନଙ୍କ ନିମନ୍ତେ ରାଷ୍ଟ୍ରୀୟ ମାନକ ୨.୦ ଢାଂଚା ମାଧ୍ୟମରେ ଦେଶର ପ୍ରଶିକ୍ଷଣ ସଂସ୍ଥାମାନଙ୍କ ସକାଶେ ଗୁଣବତା ମାନକ ନିର୍ଦ୍ଧାରଣ କରିଥାଏ, ଯାହା ଅଧୀନରେ ଦେଶବ୍ୟାପୀ ୨୦୦ରୁ ଅଧିକ ପ୍ରଶିକ୍ଷଣ ସଂସ୍ଥାନ ପୂର୍ବରୁ ହିଁ ଏହି ମାନ୍ୟତା ପ୍ରାପ୍ତ କରି ସାରିଛନ୍ତି । ଏହା ରାଜ୍ୟମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରୁଛି । ସମସ୍ତ ୩୦ ଗୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶ ବର୍ତମାନ ଔପଚାରିକ ବୁଝାମଣା ଜ୍ଞାପନ ମାଧ୍ୟମରେ ଏହା ସହିତ ଯୋଡ଼ି ହୋଇସାରିଛନ୍ତି ଯାହା ଫଳରେ ଏଭଳି ବିଶିଷ୍ଟ "କ୍ଷମତା ନିର୍ମାଣ ଯୋଜନାମାନ" ପ୍ରସ୍ତୁତ କରାଯାଇ ପାରୁଛି ଯାହା କାର୍ଯ୍ୟବଳଙ୍କ ଦକ୍ଷତାକୁ ସଂଗଠନାତ୍ମକ ଲକ୍ଷ୍ୟମାନଙ୍କ ସହିତ ଯୋଡ଼ିବାକୁ ସକ୍ଷମ ହୋଇଛି । ରାଷ୍ଟ୍ରୀୟ କର୍ମଯୋଗୀ ଜନ ସେବା କାର୍ଯ୍ୟକ୍ରମ ଭଳି ଐତିହାସିକ ବ୍ୟବସ୍ଥା ମାଧ୍ୟମରେ, ଏହା ବର୍ତମାନ ସୁଦ୍ଧା ଏକ ନିୟୁତରୁ ଅଧିକ ପ୍ରମାଣିତ ଅଧିକାରୀ ମାନଙ୍କୁ ବ୍ୟାପକ ମାତ୍ରାରେ ବ୍ୟବହାର ଉପଯୋଗୀ ପ୍ରଶିକ୍ଷଣ ପ୍ରଦାନ କରିଛି, ଯାହା ପ୍ରତ୍ୟେକ ନାଗରିକଙ୍କୁ ଅନ୍ତିମ ହିତଧାରକ ଭାବରେ ସ୍ୱୀକାର ପୂର୍ବକ ସୂକ୍ଷ୍ମ ଅଥଚ ମହତ୍ୱପୂର୍ଣ୍ଣ କଳା ଭାବରେ ବିବେଚନା କରାଯାଉଛି । ମିଶନର ଏହି ଅନ୍ତିମ ଲକ୍ଷ୍ୟ ଉପରେ ବିଶେଷ ଧ୍ୟାନ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି, କାରଣ ଏହା ଏଭଳି ଏକ ପ୍ରସଙ୍ଗ ସମ୍ପର୍କିତ ଯାହା "ପୂର୍ଣ୍ଣତା ପ୍ରମାଣପତ୍ର' କିମ୍ବା "ଲଗ୍ କରାଯାଇଥିବା ଘ[ା'ରେ ଅତି ସହଜରେ ମପାଯାଇ ପାରିବନାହିଁ । ମିଶନ କର୍ମଯୋଗୀର ସବୁଠାରୁ ଗଭୀରତମ ଆକାଂକ୍ଷାମାନଙ୍କ ମଧ୍ୟରୁ ଗୋଟିଏ ହେଲା - ଦୃଷ୍ଟିକୋଣରେ ପରିବର୍ତ୍ତନ । ଏହା ରାଷ୍ଟ୍ର ଏବଂ ନାଗରିକମାନଙ୍କ ମଧ୍ୟରେ ଏକ 'ଆଦାନ- ପ୍ରଦାନ' ସମ୍ବନ୍ଧ ଠାରୁ ଦୂରେଇଯାଇ 'ନାଗରିକ ଦେବୋ ଭବ'ର ଭାବନାକୁ ପରିଭାଷିତ ସମ୍ପର୍କିତ ହେବା ଦିଗରେ ଏକ ଆନ୍ଦୋଳନ ଅଟେ । ଅର୍ଥାତ, ନାଗରିକମାନେ ଈଶ୍ୱର ସଦୃଶ, ସେମାନେ ହିଁ ହେଉଛନ୍ତି ସର୍ବୋଚ୍ଚ ଅଧିକାରୀ ଯାହାଙ୍କ ପ୍ରତି ରାଷ୍ଟ୍ରର ସେବକ ସର୍ବଦା ଉତରଦାୟୀ ରହିବାକୁ ବାଧ୍ୟ । ଯେତେବେଳେ ରେଳବାଇ କାଉ[ରମାନଙ୍କରେ, ରାଜସ୍ୱ କାର୍ଯ୍ୟାଳୟମାନଙ୍କରେ ଏବଂ ସ୍ୱାସ୍ଥ୍ୟସେବା କେନ୍ଦ୍ରମାନଙ୍କରେ ନାଗରିକ- କୈନ୍ଦ୍ରିକ ଅଧିକାରୀମାନଙ୍କୁ ଏହିଭଳି ଆଚରଣ ପ୍ରଦର୍ଶନ ନିମନ୍ତେ ପ୍ରଶିକ୍ଷିତ କରାଯାଉଛି ଏବଂ ପରେ ନାଗରିକମାନଙ୍କର ସର୍ବେକ୍ଷଣ କରାଯାଇଥିଲା, ସେତେବେଳେ ସେମାନଙ୍କର ପ୍ରତିକ୍ରିୟା ଆଶ୍ଚର୍ଯ୍ୟଜନକ ଭାବରେ ଭିନ୍ନ ଥିଲା । ଅର୍ଥାତ୍, ନାଗରିକମାନେ ଏଭଳି ପରିବର୍ତନକୁ ଉତମ ରୂପେ ଅନୁଭବ କରିପାରିଥିଲେ । ତାହା କେବଳ ଦକ୍ଷତାରେ ନୁହେଁ, ବରଂ ବ୍ୟବହାରର ଆତ୍ମୀୟତା, ତତ୍ପରତା ଏବଂ କଥାବାର୍ତାରେ ମାନବୀୟ ଗୁଣବତାରେ ସୁଦ୍ଧା ଅନଭୂତ ହୋଇଥିଲା । ଆମେ ଏଭଳି ଏକ ଯୁଗରେ ପାଦ ଥାପିଛେ ଯେଉଁଠାରେ କୃତ୍ରିମ ପ୍ରଜ୍ଞା ପ୍ରଶାସନିକ କାର୍ଯ୍ୟମାନଙ୍କରେ ବ୍ୟାପକ ମାତ୍ରାରେ ସ୍ୱଚାଳିତ କରିବାର ଏକ ଅଗ୍ନିପରୀକ୍ଷା ଭାବରେ ଉଭା ହୋଇଛି । ଏହା ମାନବୀୟ ଦୃଷ୍ଟିଭଙ୍ଗୀ, ଯାହା ସହାନୁଭୂତି ପୂର୍ଣ୍ଣ, ସାଂସ୍କୃତିକ ରୂପରେ ସଚେତନତା ବୃଦ୍ଧି ଏବଂ ସ୍ଥାନୀୟ ପରମ୍ପରା ସହିତ ଜଡ଼ିତ କୌଣସି ନିଷ୍ଫଳ ବସ୍ତୁ ନୁହେଁ, ବରଂ ଭାରତର ଶାସନର ସର୍ବୋଚ୍ଚ ଶକ୍ତି ଅଟେ । ଏହି ମିଶନ ନିଜର ପ୍ରଯୁକ୍ତିକ ମହତ୍ୱାକାଂକ୍ଷା ଗୁଡ଼ିକ ସହିତ ଭାରତର ବୌଦ୍ଧିକ ପରମ୍ପରାକୁ ସମ୍ମାନ ପ୍ରଦର୍ଶନ ପ୍ରତି ସଚେତନ ରହିବାର ଏକ ଅଭିନବ ପ୍ରୟାସ । 'ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରକୋଷ୍ଠ' ମାଧ୍ୟମରେ, ପାରମ୍ପରିକ ଜ୍ଞାନ, ଯାହା ମାଧ୍ୟମରେ ସାର୍ବଜନୀନ ଶାସନ ଏବଂ କୃଷି ଠାରୁ ଆରମ୍ଭ କରି ଅର୍ଥ ଏବଂ ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ କ୍ଷେତ୍ର ସାମିଲ ରହିଛି । ସେସବୁକୁ ପ୍ରଶିକ୍ଷଣ ସାମଗ୍ରୀର ସାଧନରେ ସୁସଜ୍ଜିତ କରାଯାଉଛି; ଏହା ଫଳରେ କେବଳ ଅତୀତର ସ୍ମରଣ ଭାବରେ ନୁହେଁ, ବରଂ ଏକ ଜୀବନ୍ତ ଜ୍ଞାନ ଭାବରେ ପ୍ରସ୍ତୁତ କରାଯିବାର ପ୍ରୟାସ ଜାରି ରହିଛି । 'ଅମୃତ ଜ୍ଞାନ କୋଷ' ଭଣ୍ଡାର, ଯେଉଁଥିରେ ୭୦ରୁ ଅଧିକ ପୂର୍ଣ୍ଣ କେସ୍ ଷ୍ଟଡ଼ି ସାମିଲ ରହିଛି, ଶାସନ- ପ୍ରଶାସନ ସହିତ ଜଡ଼ିତ ଏଭଳି ଜ୍ଞାନର ଏକ ସଂଗ୍ରହ ପ୍ରସ୍ତୁତ କରାଯାଇଛି, ଯାହାର ଚେର ଭାରତୀୟ ପ୍ରସଙ୍ଗ ଏବଂ ଭାରତୀୟ ସମାଧାନ ପ୍ରକ୍ରିୟା ସହିତ ନିହିତ ଅଟେ । ପ୍ରଶାସନିକ ମାନସିକତାର ଏହି "ବି- ଔପନିବେଶୀକରଣ', ଯାହା ଅଧୀନରେ ଭାରତୀୟ ଲୋକ ସେବକମାନଙ୍କୁ ଆଧୁନିକ ସମସ୍ୟାବଳୀର ସାମ୍ନା କରିବାର ଉପାୟ ଏବଂ ଯୋଗ୍ୟତା ପ୍ରଦାନ କରାଯାଉଛି । ଏଥି ସହିତ ସଭ୍ୟତାଗତ ଐତିହ୍ୟ ସଙ୍ଗେ ସଙ୍ଗେ ଆତ୍ମବିଶ୍ୱାସପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ଲୋକମାନଙ୍କୁ ଏହାର ସୁଫଳ ଲେଉଟାଇ ଦିଆଯାଉଛି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ଆକାଂକ୍ଷା ମାନଙ୍କ ମଧ୍ୟରୁ ଗୋଟିଏ ଏବଂ "ମିଶନ କର୍ମଯୋଗୀ" ଏହି ଆକାଂକ୍ଷାକୁ ସାକାର ରୂପ ପ୍ରଦାନ କରୁଛି । 'ସାଧନା' ସପ୍ତାହ ଏପ୍ରିଲ ୨ ଠାରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏକ ରାଷ୍ଟ୍ରୀୟ ଶିକ୍ଷଣ ସପ୍ତାହ- ଏହି ପାଂଚ ବର୍ଷ ଯାତ୍ରାର ଉତ୍ସବ ଏବଂ ଏହାର ଅଧୁରା କାର୍ଯ୍ୟଗୁଡ଼ିକୁ ସମ୍ପାଦନ ସହିତ ଏଥିପ୍ରତି ପୁନଃ ସଂକଳ୍ପ ପ୍ରଦାନ କରିବାର ଏକ ଅବସର । 'ସାଧନା' ଶବ୍ଦ ଏଠାରେ ଅତ୍ୟନ୍ତ ଉପଯୁକ୍ତ ମନେହୁଏ । ଏହାର ଅର୍ଥ ହେଉଛି ସମର୍ପିତ ଅଭ୍ୟାସ, ଏଭଳି ଜଣେ ବ୍ୟକ୍ତିଙ୍କ ଅନୁଶାସିତ ଦୈନିକ ପ୍ରୟାସ ଯାହା କୌଣସି ଏକ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ନୁହେଁ, ବରଂ ନିଜର କୌଶଳ ପ୍ରତି ନିରନ୍ତର ସମର୍ପଣ ଭାବ ପ୍ରଦର୍ଶନ ମାଧ୍ୟମରେ ନିପୁଣତା ପ୍ରାପ୍ତ କରିବାର ଆକାଂକ୍ଷା । ଯେପରି ଆମେ ସିଭିଲ ସେବା ପ୍ରଶିକ୍ଷଣ ସଂସ୍ଥାନମାନଙ୍କର ଏକ "ରାଷ୍ଟ୍ରୀୟ ସମ୍ମେଳନ" ସହିତ ଏହି ସପ୍ତାହର ଉଦଘାଟନ କରୁଛେ, ଯେଉଁଥିରେ ହାରାହାରି ୭୦୦ ବରିଷ୍ଠ ଅଧିକାରୀ ବ୍ୟକ୍ତିଗତ ଭାବରେ ଏବଂ ୩,୦୦୦ରୁ ଅଧିକ ଅଧିକାରୀ ଭର୍ଚୁଆଲ ମାଧ୍ୟମରେ ସାମିଲ ହେଉଛନ୍ତି, ଆମେ ଏହାକୁ କେବଳ ଏକ ବର୍ଷପୂର୍ତି ଉତ୍ସବ ଭାବରେ ମନାଇବାକୁ ଚାହୁଁନା । ଆମେ ଆଗାମୀ ପାଂଚ ବର୍ଷ ନିମନ୍ତେ ନିଜର ଲକ୍ଷ୍ୟ ନିର୍ଦ୍ଧାରଣ ମଧ୍ୟ କରୁଛୁ- ଏକ ଏଭଳି ଭବିଷ୍ୟତ ଦିଗରେ ଆମେ ଅଗ୍ରସର ହେବାକୁ ଚାହୁଁ, ଯେଉଁଥିରେ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ ସିଭିଲ ସେବକ ନିରନ୍ତର ଶିକ୍ଷାଲାଭ କରୁଥିବା, ଜଣେ 'ନାଗରିକ- ଚାମ୍ପିଅନ' ଏବଂ ଭାରତର ଆକାଂକ୍ଷା ମାନଙ୍କର ଜଣେ ଜଣେ ଆତ୍ମବିଶ୍ୱାସୀ ସଂରକ୍ଷକରେ ପରିଣତ ହୋଇପାରିବେ । ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ- ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜ ଠାର ଆରମ୍ଭ କରି ଶୂନ୍ୟ ଶୁଦ୍ଧ ଉତ୍ସର୍ଜନର ସଂକଳ୍ପ ପର୍ଯ୍ୟନ୍ତ, ଡିଜିଟାଲ ସାର୍ବଜନୀନ ଅବସରଂଚନା ଠାରୁ ନେଇ ବୈଶ୍ୱିକ ବିନିର୍ମାଣ କ୍ଷେତ୍ରରେ ଭାରତ ନେତୃତ୍ୱ ନେବା ପର୍ଯ୍ୟନ୍ତ, କେବଳ ନୀତିଗତ ମାଧ୍ୟମରେ ଏହି ଲକ୍ଷ୍ୟଗୁଡ଼ିକୁ କଦାପି ପୂରଣ କରାଯାଇ ପାରିବାନହିଁ । ଏହା କେବଳ ଲୋକମାନଙ୍କ ମାଧ୍ୟମରେ ଏବଂ ସେମାନଙ୍କ ସହଯୋଗ ଦ୍ୱାରା ହିଁ ପୂରଣ ହୋଇପାରିବ: ସେହିସବୁ ଜିଲ୍ଲା ଅଧିକାରୀ ମାନଙ୍କ ଦ୍ୱାରା କରାଯାଇପାରିବ ଯେଉଁମାନେ ଯୋଜନାକୁ ଉଚିତ ଢଙ୍ଗରେ ବୁଝି ଏହାକୁ ସମ୍ପୂର୍ଣ୍ଣ ଶୁଦ୍ଧତାର ସହିତ ପ୍ରବର୍ତନ କରି ପାରିବେ । ସେହିସବୁ ଯୋଜନାକାରୀ ମାନଙ୍କ ଦ୍ୱାରା ଏହା ପ୍ରବର୍ତିତ ହୋଇପାରିବ ଯେଉଁମାନେ ସ୍ଥାନୀୟ ଡାଟା ଟୁଲର ଉପଯୋଗ କରିପାରୁଥିବେ, ସେହି ଛାମୁଆ ପଙ୍କ୍ତିଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତାଙ୍କ ଦ୍ୱାରା ସମ୍ଭବପର ଯେଉଁମାନେ ସାର୍ବଜନୀନ ସ୍ୱାସ୍ଥ୍ୟ ଆଲର୍ଟକୁ ଏହିଭଳି ଭାବରେ ସଂପ୍ରେଷିତ କରୁଥିବେ ଯଦ୍ୱାରା ଜନସାଧାରଣ ସେମାନଙ୍କ ଉପରେ ଭରସା ଓ ଆସ୍ଥା ସ୍ଥାପନ କରିପାରିବେ । ମିଶନ କର୍ମଯୋଗୀ କେବଳ ଆଗାମୀ କାଲି ପାଇଁ ନୁହେଁ, ବରଂ ଆଗାମୀ ଅନେକ ଦଶକ ପାଇଁ ଏଭଳି ଏକ କର୍ମଶକ୍ତିର ନିର୍ମାଣ କରିବାକୁ ଯାଉଛି । ଭାରତର ଶାସନ ବ୍ୟବସ୍ଥାର କାହାଣୀର ଦୀର୍ଘ ଏବଂ ଉଜ୍ଜ୍ୱଳ ଯାତ୍ରାରେ, ଏହା ସମ୍ଭବତଃ ସେହି ଅଧ୍ୟାୟ ଅଟେ, ଯେଉଁଥିରେ ଶାସନ ତନ୍ତ୍ର ସର୍ବୋପରି 'ଶିକ୍ଷାଲାଭ' ଶିକ୍ଷା କରିଛି ।

***(ଲେଖକ କେନ୍ଦ୍ର ସରକାରରେ ବିଜ୍ଞାନ ଏବଂ ପ୍ରାଦ୍ୟୋଗିକୀ ଏବଂ ଭୂବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ତଥା ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, ପରମାଣୁ ଶକ୍ତି ବିଭାଗ, ମହାକାଶ ବିଭାଗ ଏବଂ କାର୍ମିକ, ଜନ ଅଭିଯୋଗ ଏବଂ ପେନସନ ରାଷ୍ଟ୍ରମନ୍ତ୍ରୀ ଅଛନ୍ତି ।)***

# ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ ଉତ୍କଳ ଦିବସ ୨୦୨୬ ପାଳିତ



ପାରାଦୀପ(ନିପ୍ର): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର ରେ ଅପ୍ରେଲ ୧ ତାରିଖ ବୁଧବାର ଦିନ ଉତ୍କଳ ଦିବସରେ ଓଡ଼ିଶା ରାଜ୍ୟ ପ୍ରତିଷ୍ଠା ଦିବସ ଅତ୍ୟନ୍ତ ଉତ୍ସାହ ଏବଂ ଉଲ୍ଲାସର ସହ ମହାସମାରୋହରେ ପାଳିତ ହୋଇ ଯାଇଛି । ଉତ୍ସବକୁ ସମ୍ବୋଧିତ କରି କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୂଖ୍ୟ କୌଶିକ ବସୁ କହିଥିଲେ ଯେ 'ପାରାଦୀପ ରିଫାଇନେରୀ ଓଡ଼ିଶାର ଏକ ଅଂଶ ହୋଇଥିବା ଏକ ଗର୍ବର ବିଷୟ ଏବଂ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ପାଇଁ ପାରାଦୀପ ରିଫାଇନେରୀ ସର୍ବଦା ପ୍ରତିଶ୍ରୁତିବଦ୍ଧ" । ସେ ଓଡ଼ିଶାର ସମସ୍ତ ମହାପୁରୁଷ ମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଏବଂ ଗଭୀର ସମ୍ମାନ ପ୍ରଦାନ କରିଥିଲେ । ଉତ୍କଳ ଦିବସ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ ହୋଇଥିଲା । ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ପକ୍ଷରୁ ଓଡ଼ିଶାର ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ'" ପରିବେଷଣ କରାଯାଇଥିଲା । ଏହା ପରେ ରାଜ୍ୟର କଳା ଏବଂ ସଂସ୍କୃତିର ସମୃଦ୍ଧିକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାର ଅଂଶ ଭାବରେ ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ଗୀତ ଏବଂ ଲୋକନୃତ୍ୟ ଗୁଡିକ ଏମ୍ପଲୋଇଜ କ୍ଲବ୍ ଏବଂ ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଭ୍ସ କ୍ଲବ୍ ଏବଂ ବାହାରର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା ଓ କମ୍ପାନୀର ଏଚଆର ମୁଖ୍ୟ ମହାପ୍ରବନ୍ଧକ ଧର୍ମେଶ ଚୌଧୁରୀ ଉପସ୍ଥିତ ଥିବା ସମ୍ମାନିତ ଅତିଥି, ସମସ୍ତ କଳାକାର, କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ସୁଶ୍ରୀ ମମତା ସାହୁ, ମହାପ୍ରବନ୍ଧକ (ଇଏମଏସ) ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୪ଘଂଟିଆ ପାନୀୟ ଜଳ ଯୋଗାଣ ନିମନ୍ତେ ଭିତି ପ୍ରସ୍ତର କଲେ ସାଂସଦ

ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ୱାଟକୋ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ସହର ରେ ଥିବା ସମସ୍ତ ୱାଡ କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କର ଅତ୍ୟାବଶ୍ୟକ ମୌଳିକ ସେବା ଅଭିନବ ଯୋଜନା ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ ଶୁଭ ଶିଳା ନ୍ୟାସ ମାନ୍ୟବର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ କର କମଳରେ ଭିତି ପ୍ରସ୍ତର ସ୍ଥାପନ ହୋଇଯାଇଅଛି । ନିଜ ଅଭିଭାଷଣରେ ମାନ୍ୟବର ସାଂସଦ କହିଲେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ପାନୀୟଜଳ ଆମର ସବୁଠାରୁ ବଡ଼ ମୌଳିକ ଆବଶ୍ୟକତା ଅଛି । ଖୋର୍ଦ୍ଧା ସହର ବାସୀଙ୍କୁ ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଆଜି ଟ.୨୭,୭୬,୮୧,୫୩୩.୦୦ ମୁଲ୍ୟ ବ୍ୟୟ ଅଟକଳ ରେ ଏକ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଖୋର୍ଦ୍ଧା ବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ଯାହା ପାନୀୟ ଜଳ ଯୋଗାଣରେ ସରକାରଙ୍କର ବଡ଼ ଯୋଜନା ଯେଉଁ ସେବା ଆପଣ ଉପଲବ୍ଧ କରିବାକୁ ଯାଉଛନ୍ତି ବୋଲି ସାଂସଦ ପ୍ରକାଶ କରିବାସହ ଖୋର୍ଦ୍ଧା ସହରକୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ସାଂସଦ ଉଦ୍‌ବୋଧନ ରଖିଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କହିଲେ ୬୬ ବର୍ଷ ପରେ ଖୋର୍ଦ୍ଧା ପୌର ପରିଷଦର ନୂଆ କଳେବର ଆରମ୍ଭ ହୋଇ ଯାଇଅଛି । ଖୋର୍ଦ୍ଧା ସହରକୁ ସର୍ବାଙ୍ଗ ସୁନ୍ଦର କରି ଗଢି ତୋଳିବା ଏବଂ ସହର ବାସୀଙ୍କୁ ସମସ୍ତ ମୌଳିକ ସେବା ଯୋଗାଇଦେବା ପାଇଁ ମାନ୍ୟବର ସାଂସଦଙ୍କ ପ୍ରଚେଷ୍ଟାକୁ ସେ ସମ୍ମାନ ଜଣାଇଥିଲେ । ପ୍ରକାଶ ଥାଉକି ଖୋର୍ଦ୍ଧା ପୌର ପରିଷଦର ୨୨ ଟି ୱାର୍ଡ ର ୬୦,୨୦୦ ଜନସଂଖ୍ୟା ତଥା ୮୯୪୭ ଘରକୁ ପିଇବା ପାଣି ଯୋଗାଇଦିଆଯିବ କ୍ଷ ୱାଟକୋ କାର୍ଯ୍ୟାଳୟ ପରିସରରେ ୬୦ ଲକ୍ଷ ଲିଟର ମୁଖ୍ୟ ଜଳ ଭଣ୍ଡାର ଓ ଭାଲିଆବାଡ଼ି ଏବଂ ଜେମାଦେଇ ଠାରେ ୧୫ ଲକ୍ଷ ଲିଟର ଦୁଇ ଗୋଟି ପାଣି ଟାଙ୍କି ନିର୍ମାଣ ହେବ । ସ୍ୱୟଂ ଚାଳିତ କାଡା ପଦ୍ଧତିରେ ଜଳ ଯୋଗାଇ ଦିଆଯିବ ଅତିରିକ୍ତ ୫୦୦ ଘରକୁ ତଥା ୫୦୦୦ ଲୋକ ଉପକୃତ ହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏଇ ଶିଳା ନ୍ୟାସ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ମହାପ୍ରବନ୍ଧକ, ୱାଟକୋ ଖଣ୍ଡ ୨, ଭୁବନେଶ୍ୱର ଇଂ. ରାଜେନ୍ଦ୍ର ସେଠୀ ମଂଚାସୀନ ରହିଥିବା ବେଳେ ସମସ୍ତ କର୍ପୋରେଟର, ସହରର ଜନସାଧାରଣ, ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ଜନପ୍ରତିନିଧି ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ୨୭ତମ ବାର୍ଷିକ ଉତ୍ସବରେ ସମାନ ଶିକ୍ଷା ଅଧିକାର ପାଇଁ ଦାବି

ସୋର(ନିପ୍ର): ସୋର ପବ୍ଲିକ ସ୍କୁଲର ୨୭ ତମ ବାର୍ଷିକ ଉତ୍ସବ, କମର ପୁର ସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବାର୍ଷିକ ଉତ୍ସବର ସାଧାରଣ ସଭାକୁ ବିଦ୍ୟାଳୟର ସଭାପତି ମାୟାଧର ନାୟକ ପରିଚାଳନା କରିଥିବା ବେଳେ, ମୁଖ୍ୟ ବକ୍ତା ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇ ବକ୍ତବ୍ୟରେ ସମ୍ବିଧାନ ପ୍ରଦତ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥା ସରକାରଙ୍କର ମୌଳିକ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ସରକାରୀ ବିଦ୍ୟାଳୟ ଗୁଡିକରେ ଘରୋଇ ଶିକ୍ଷାନୁଷ୍ଠାନ ଭଳି ସମାନ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ମାନେ ଉତରଦାୟୀ ହେବା ଜରୁରୀ ।ଏହି ବିଦ୍ୟାଳୟରେ ୨୮ ବର୍ଷ ଧରି ଓଡ଼ିଆ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆତ୍ମ ନିର୍ଭର ଶିଳ କରାଇବାରେ ଅଭିଭାବକ ମାନଙ୍କର ମାନସିକତା ନିଶ୍ଚିତ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଦାୟକ । ସମ୍ମାନିତ ଅତିଥି ଶିକ୍ଷାବିତ ଡକ୍ଟର ସତ୍ୟନାରାୟଣ ପଣ୍ଡା ଯୋଗଦେଇ ବକ୍ତବ୍ୟରେ ଶୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ଶିକ୍ଷା ପ୍ରତି ଅଧିକ ଉତ୍ସାହି ଥାନ୍ତି କିନ୍ତୁ ନିଜ ଘରେ ବାପା ମାଙ୍କ ଦ୍ୱାରା ସଠିକ ମାର୍ଗରେ ପରିଚାଳିତ ହେଲେ ନିଶ୍ଚିତ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସଫଳତା ପାଇପାରିବେ ବୋଲି ଅସାବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ମାଧବ ଧଡ଼ା ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ପିଲାମାନେ ସର୍ବଦା ବଡ ହେବାର ଲକ୍ଷ୍ୟ ନେଇ ନିରନ୍ତର ପ୍ରଚେଷ୍ଟା କଲେ ନିଶ୍ଚିତ ସଫଳତା ପାଇବେ । ଏଥି ପାଇଁ ଦୃଢ ମାନସିକତା ଏବଂ ନିରଳସ ଛାତ୍ର ଜୀବନ ଆବଶ୍ୟକ ବୋଲି ବକ୍ତବ୍ୟରେ ଉପସ୍ଥିତ ସାହସ୍ରାଧିକ ଛାତ୍ର ଛାତ୍ରୀ ଅଭି ଭାବକ,ଓ ଦର୍ଶକଙ୍କୁ ସମ୍ବୋଧିତ କରି ଥିଲେ । ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅନାମ ପ୍ରସାଦ ବାରିକ, ହିମାଂଶୁ ଭୂଷଣ ପଣ୍ଡା ଲୋକନାଥ ରାଉତ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମନାରାୟଣ ଦାସ, ଦିବାକର ସାହୁ, ଶଶୀକାନ୍ତ ଘଡ଼ାଇ, ଗୌରାଙ୍ଗ ଖୁଂଟିଆ, ଗୁଲତାଜ ଖାଁ, ସନ୍ତୋଷ କୁମାର ନାୟକ, ଡମ୍ବରୁ ଧର ଜେନା, ରମେଶ ଚନ୍ଦ୍ର ମହାପାତ୍ର, ବିବେକ ମହାପାତ୍ର, ଉମାକାନ୍ତ ପ୍ରଧାନ,ତନୁଜା ପଣ୍ଡା, ସନ୍ଧ୍ୟାରାଣୀ ସେଠି, ବିଦୁସ୍ମିତା ନାୟକ, କାଂଚନ ବିଶ୍ୱାସ, ଅଞ୍ଜୁ ରାଣୀ ରାଏ, ମାଧବୀ ଦାସ,କବିତା ସେଠି, ଭାଗ୍ୟଶ୍ରୀ ଖୁଂଟିଆ ,ଝିଲି ନାୟକ ସୀମା ବାରିକ, ବବିତା ଜେନା, ୟାସ୍ମିନ ପରବିନ,ଅମ୍ରିତାଞ୍ଜଳି ମହାରଣା, ସରିତା ରାଉତ, ରଶ୍ମିତା ସାହୁ, ସୁମି ମଳିକ ପ୍ରଭୃତି ସହଯୋଗ ପ୍ରଦାନ କରିଥିଲେ ।ପରିଶେଷରେ ବିଦ୍ୟାଳୟର ପ୍ରାୟ ଅଢେଇ ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମନମୁଗ୍ଧ କର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।





# ଓଡ଼ିଶା ଦିବସ ଆମ୍ଭମାନଙ୍କ ଗର୍ବ ଓ ଗୌରବର ପ୍ରତୀକ : ବରିଷ୍ଠ କଳାକାର ସଂଘ



ବ୍ରହ୍ମପୁର(ନି.ପ୍ର.) :କଳା ଓ କଳାକାର ହିତୈଷୀ ମହାମଂଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ପକ୍ଷରୁ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହଲ୍ - ଆନ୍ଧ୍ର ଭାଷା ବିବର୍ଦ୍ଧନୀ ସମାଜମ ସଭା ପ୍ରକୋଷ୍ଠ ଠାରେ ପବିତ୍ର ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ 'ଆମେ ଓଡ଼ିଆ, ଆମ ସଂସ୍କୃତି ବଢ଼ିଆ' କାର୍ଯ୍ୟକ୍ରମକୁ କଳାପ୍ରାଣ କୈଳାସ ପାଣିଗ୍ରାହୀ ଶୁଭ ଉଦ୍ଘାଟନ କରିଥିଲେ । ପ୍ରଥମେ ଗାୟକଶ୍ରୀ ରାମ ଚନ୍ଦ୍ର ସାହୁ ଏବଂ ସାଥୀ ପ୍ରଭାକର ମିଶ୍ରଙ୍କ ଦ୍ୱାରା ଲୋକକଳା ଦାସକାଠିଆ ପରିବେଷଣ କରାଯାଇଥିଲା । ପରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବରିଷ୍ଠ ଲୋକକଳା ଗବେଷକ ନାଟ୍ୟକାର ଡଃ. ବାୟାମନୁ ଚର୍ଚ୍ଚି ମୁଖ୍ୟ ଅତିଥି ଏବଂ ନାଟ୍ୟକାର ଇଂ. ଆଶୁତୋଷ ପାତ୍ର, ବରିଷ୍ଠ ସାରସ୍ୱତ ସାଧକ ତଥା ମଂଚ ଅଭିନେତା ଡଃ. ବିଜୟ ଚନ୍ଦ୍ର ମହାରଣା, ନାଟ୍ୟ ନିର୍ଦ୍ଦେଶକ ଏନ୍. ରାମବାବୁ, ଗଞ୍ଜାମ ଜିଲ୍ଲା ମଂଚ କଳାକାର ସମ୍ମିଳନୀ ସମ୍ପାଦକ ନାଟ୍ୟକାର ରମେଶ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ଆମ୍ଭମାମାନଙ୍କର ଗର୍ବ ଓ ଗୌରବର ପ୍ରତୀକ ଏବଂ ଓଡ଼ିଶାର ଗରିମା ବୃଦ୍ଧି ନିମନ୍ତେ ଆମ୍ଭେ ସଭିଏଁ ସତତ ଚେଷ୍ଟିତ ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷାବିତ୍ ତଥା ଅଭିନେତା ଶର୍ଙ୍କର୍ଷଣ ସାବତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁରାଧା ସାହୁ, ବନ୍ଦନା ନନ୍ଦ, ବନ୍ଦନା ମହାପାତ୍ର, ଅଞ୍ଜଳି ବାଘ ପ୍ରମୁଖ ମିଳିତ କଣ୍ଠରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ କେତେକ ପ୍ରଥିତଯଶା କଳାକାରଙ୍କୁ ଆନୁଷ୍ଠାନିକ ସମ୍ବର୍ଦ୍ଧନା ଦିଆଯିବା ସହ ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟ ପ୍ରଦୀପ ମଦନ ମିଶ୍ରଙ୍କୁ ତାହାଙ୍କ ସପ୍ତତିତମ ଜନ୍ମ ଦିବସର ଶୁଭେଚ୍ଛା ଓ ଶୁଭ କାମନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ମହେନ୍ଦ୍ର କୁମାର ସାହୁ, ଚିତ ରଂଜନ ଦଳାଇ, ମୃତ୍ୟୁଞ୍ଜୟ ତ୍ରିପାଠୀ, ଚନ୍ଦ୍ରଭାନୁ ନାୟକ, ବି. ଶିବ ପ୍ରସାଦ ରାଓ, ଅଶୋକ କୁମାର ପାଣି, ବିଜୟ ସାହୁ, ୱାଇ. ଲକ୍ଷ୍ମଣମୂର୍ତ୍ତି, ଜି. କାମରାଜୁ ପାତ୍ର, ହରିଶ୍ଚନ୍ଦ୍ର ବରଡ଼, ସୁଦାମ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ସମ୍ପାଦକ ରୋଶନ୍ ଜୁଲାଇ ତିନି ତାରିଖରେ ସଂଘ ପକ୍ଷରୁ ପଂଚ ସହସ୍ର କଳାକାରଙ୍କୁ ନେଇ ଏକ ବର୍ଣ୍ଣାଢ୍ୟ କଳାକାର ଶୋଭାଯାତ୍ରା ଆୟୋଜନ ସୂଚନା ସହିତ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଉଦ୍‌ଯାପନୀ ହେଲା ଜାତୀୟସ୍ତରୀୟ ପ୍ରାମାଣିକ ଚଳଚ୍ଚିତ୍ର କର୍ମଶାଳା




ବ୍ରହ୍ମପୁର (ନି.ପ୍ର.): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ପ୍ରତିଷ୍ଠିତ ପ୍ରଧାନମନ୍ତ୍ରୀ-ଉଷା (ମେରୁ) ଅନୁଦାନ ଦ୍ୱାରା ପାଣ୍ଠି ସହଯୋଗିତା ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ ମାର୍ଚ୍ଚ ୧୪ ରୁ ୨୦, ୨୦୨୬ ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ପ୍ରାମାଣିକ ଚଳଚ୍ଚିତ୍ର ଉପରେ ଏକ ଜାତୀୟ କର୍ମଶାଳା ଆୟୋଜନ କରିଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଙ୍କ ପୃଷ୍ଠପୋଷକ ଆୟୋଜିତ, ଏହି କର୍ମଶାଳାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟ, ରେଭେନସା ବିଶ୍ୱବିଦ୍ୟାଳୟ, ରମା ଦେବୀ ବିଶ୍ୱବିଦ୍ୟାଳୟ ଇତ୍ୟାଦି ବିଭିନ୍ନ ବିଶ୍ୱବିଦ୍ୟାଳୟର ଆକାଂକ୍ଷୀ ଚଳଚ୍ଚିତ୍ର ନିର୍ମାତା ଏବଂ କାହାଣୀକାରମାନେ ଯୋଗ ଦେଇଥିଲେ । ଗତ ମାର୍ଚ୍ଚ ମାସ ୧୪ ରୁ ଆରମ୍ଭ ହୋଇ ୨୦ ତାରିଖରେ ଶେଷ ହେଇଥିବା ଏହି କର୍ମଶାଳାରେ ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ନିର୍ମାତା ଶ୍ରୀ ପ୍ରଣବ ଦାସ; ନବସୃଜନଶୀଳ ଡକ୍ୟୁମେଂଟାରୀ ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ପ୍ରସିଦ୍ଧ ଜାତୀୟ ପୁରସ୍କାର ବିଜେତା ଚଳଚ୍ଚିତ୍ର ନିର୍ମାତା ଶ୍ରୀ ଶଂଖଜିତ ଦେ; ଚଳଚ୍ଚିତ୍ର ସମ୍ପାଦନାରେ ତାଙ୍କର ବୈଷୟିକ ବିଶେଷଜ୍ଞତା ପାଇଁ ପ୍ରଶଂସିତ ବରିଷ୍ଠ ସମ୍ପାଦକ ଏବଂ ରାଜ୍ୟ ପୁରସ୍କାର ବିଜେତା ଅମରେନ୍ଦ୍ର ମହାପାତ୍ର; ଦୃଶ୍ୟ କାହାଣୀ କହିବା ଦକ୍ଷତା ପାଇଁ ସମ୍ମାନିତ ଫଟୋଗ୍ରାଫି ନିର୍ଦ୍ଦେଶକ ଅମରଜିତ ମହାନ୍ତି ଏବଂ ଡକ୍ୟୁମେଂଟାରୀ ଚଳଚ୍ଚିତ୍ର ନିର୍ମାଣରେ ତାଙ୍କର ସୃଜନଶୀଳ କାର୍ଯ୍ୟ ପାଇଁ ପ୍ରସିଦ୍ଧ ଫ୍ରିଲାନ୍ସ ସିନେମାଟୋଗ୍ରାଫର ରାଧାକାନ୍ତ ବାରିକ ଙ୍କ ମାର୍ଗଦର୍ଶନ ରେ ଛାତ୍ର ଛାତ୍ରୀ ପାଂଚ ପ୍ରମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ ।ହୁମ୍ମାର ଶୁଖୁଆ ହାଟ ବଜାର, ମା ତାରାତାରିଣୀ ମନ୍ଦିର ଚୈତ୍ର ଯାତ୍ରା, ବ୍ରହ୍ମପୁର ର ପାଟ ତଥା ରେଶମ ଶାଢ଼ି ଗଞ୍ଜାମ ଜିଲ୍ଲାର ଦ୍ରୁତ ଅବଲୁପ୍ତ ହେଉଥିବା ଉପକୂଳବର୍ତ୍ତୀ ମାଛ ଧରିବା ଗ୍ରାମ ପୋଡାମପେଟା ଏବଂ ଗଞ୍ଜାମରେ ଲୁଣ ଚାଷ ସମେତ ବିଭିନ୍ନ ସ୍ଥାନୀୟ ବିଷୟ ଉପରେ ଆଧାରିତ ଚଳଚ୍ଚିତ୍ର ଗୁଡିକୁ ନୂତନ ସମ୍ମିଳନୀ କକ୍ଷ ରେ ପ୍ରଦର୍ଶିତ କରାଯାଇଥିଲା । ଏହି ଜାତୀୟ କାର୍ମଶାଳା ରେ ଅଂଶଗ୍ରହଣ କାରି ସ୍କ୍ରିପ୍ଟିଂ, ସୁଟିଂ, ସମ୍ପାଦନା ଏବଂ ପ୍ରମାଣିକ ଚଳଚ୍ଚିତ୍ର ବଂଟନରେ ଉନ୍ନତ କୌଶଳ ଉପରେ ଶିକ୍ଷା ଦିଆଯାଇଥିଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ ପ୍ରମାଣିକ ଚଳଚ୍ଚିତ୍ର ଉପରେ ଆଧାରିତ କାର୍ଯ୍ୟକ୍ରମ କୁ ପ୍ରଥମ କରି ହେଇଥିବାରୁ ଉଭୟ ଛାତ୍ର ଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକା ବେଶ ଉପଭୋଗ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ;ପ୍ରଧାନମନ୍ତ୍ରୀ ଉଷା ଯୋଜନା ର ନୋଡାଲ ଅଧିକାରୀ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ ଯୋଗ ଦେଇଥିଲେ । ତତ୍ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ର ପ୍ରାକ୍ତନ ପ୍ରଧ୍ୟାପକ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ଏବଂ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ବିଷୋୟୀ ଯୋଗ ଦେଇଥିଲେ । ମାନନୀୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ନିଜ ବକ୍ତବ୍ୟ ମାଧ୍ୟମ ରେ ୫ଟି ପ୍ରାମାଣିକ ଚଳଚ୍ଚିତ୍ର କୁ ପ୍ରସଂସା କରିଥିଲେ ଏବଂ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡନାଚ ଏବଂ ମା ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ଉପରେ ପ୍ରାମାଣିକ ଚଳଚ୍ଚିତ୍ର କରିବା ପାଇଁ ଉପଦେଶ ଦେଇଥିଲେ । ସୂଚନା ଯୋଗ୍ୟ ଯେ ବିଭାଗୀୟ ମୁଖ୍ୟା ଡକ୍ଟର ବନ୍ଦିତା କୁମାରୀ ପଣ୍ଡା ସଂଯୋଜନା ଏବଂ ବିଭାଗୀୟ ପ୍ରାଧ୍ୟାପିକା ଡକ୍ଟର ନେହା ପାଣ୍ଡେଙ୍କ ସହ-ସଂଯୋଜନା ରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯଥା ପ୍ରଫେସର ଗଣେଶ ସେଠୀ, ଡକ୍ଟର ଜୟନ୍ତ କୁମାର ପଣ୍ଡା, ଡକ୍ଟର ଚିନୁ ବହିଦାର, ଶ୍ରୀ ଅଗ୍ନି କୁମାର ବେହେରା ଙ୍କ ସହ ସମସ୍ତ ଛାତ୍ର ଛାତ୍ରୀ ଏହି ଉଦଯାପନୀ ଉତ୍ସବ ରେ ଯୋଗ ଦେଇଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାରେ ଆଗାମୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଡଫଉଗଇର ମିଳିତ ସହଯୋଗରେ ଏକ ଜିଲ୍ଲାସ୍ତରୀୟ ଦିଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି.ଏମ.ଏଫ୍ ସଭାଗୃହଠାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ କିଭଳି କମ୍ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ଉପ-ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ମୃତ୍ୟୁଞ୍ଜୟ ସବର ଏହି ବୈଠକର ଆବାହକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଅଗ୍ନିଶମ ବିଭାଗର ଅଧିକାରୀ ଦୈନନ୍ଦିନ ଜୀବନରେ ଘଟୁଥିବା ଅଗ୍ନିକାଣ୍ଡକୁ କିଭଳି ରୋକାଯାଇପାରିବ ଓ ନିଆଁକୁ ଆୟତ କରାଯାଇପାରିବ, ସେ ସମ୍ପର୍କରେ ଡେମୋ ପ୍ରଦାନ କରିଥିଲେ । ସେହିଭଳି ଜଙ୍ଗଲ ବିଭାଗର ପ୍ରତିନିଧି ଜଙ୍ଗଲ ନିଆଁର ନିରାକରଣ ଓ ଏହାର ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବିଶେଷଜ୍ଞ, ମାନବ ଶରୀର ଉପରେ ଗ୍ରୀଷ୍ମ ପ୍ରବାହର କୁପ୍ରଭାବ, ଅଂଶୁଘାତର ଲକ୍ଷଣ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଅବଲମ୍ବନ କରାଯାଉଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ପ୍ରଚଣ୍ଡ ଖରାରୁ ଜିଲ୍ଲାବାସୀଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏହି ଅବସରରେ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଜିଲ୍ଲା ତଥା ବ୍ଲକ ଓ ତହସିଲ ସ୍ତରର ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଗାମୀ ଦିନରେ ପ୍ରସ୍ତୁତ ରହିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଥିଲେ ।

# ଗ୍ରାମ ଉନ୍ନୟନ ବିଭାଗରେ ସୀମା ଲଙ୍ଘିଲାଣି ଦୁର୍ନୀତି

## ୫ଲକ୍ଷ ଟଙ୍କାର କାମ କରି ୧୨ଲକ୍ଷ ଉଠାଇବାକୁ ଯୋଜନା



ଖଇରା,(ନି.ପ୍ର.) ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍କୋଣା ସବଡିଭିଜନରେ ଦୁର୍ନିତି ଚରମସୀମାରେ ପହଁଚିଛି । ନିକଟରେ ସ୍ପିଟଅପ ବା ୫ଲକ୍ଷିଆ ଆୱାର୍ଡ କାମରେ ୪୦ଲକ୍ଷ ଟଙ୍କା ର ବ୍ୟାପକ ଦୁର୍ନିତି ହୋଇଥିବା ନେଇ ଅଭିଯୋଗ ପରେ ମାର୍ଚ୍ଚ ୩୧ ପୂର୍ବରୁ ଖଇରା ବାହାରର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ତରବରିଆ ଭାବେ ବିଲ ଉଠାଇନିଆଯିବା ପରେ ଏବେ ଏସଆର ଟେଣ୍ଡର କାମରେ ମଧ୍ୟ ଦୁର୍ନିତି କରାଯାଇଥିବା ଅଭିଯୋଗ ସାମନାକୁ ଆସିଛି ।ମାତ୍ର ୫ଲକ୍ଷ ଟଙ୍କାର କାମକରି ପୁରା ଅର୍ଥ ହଡପପାଇଁ ବନ୍ଦୋବସ୍ତ କରାଯାଇଛି । ଭିଜିଲାନ୍ସ ତଦନ୍ତ କରି ଦୁର୍ନିତିର ପର୍ଦ୍ଦାଫାସ କରିବାକୁ ରୁଢିଙ୍ଗିଆ,ପାଣିସାଉଁଳି,ଶ୍ରୀରାମପୁର ଓ କଖାରୁଆ ଗ୍ରାମର ଅଧିବାସୀ ମାନେ ଅଭିଯୋଗ କରିଛନ୍ତି । ଖଇରା ବ୍ଲକ ର ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ସଂଯୋଗ କରୁଥିବା ପାଣିସାଉଁଳି ଶ୍ରୀରାମପୁର ରାସ୍ତା ଆରମ୍ଭରେ ଥିବା ପୋଲ ନିକଟରେ ୨ପାର୍ଶ୍ୱର କଂକ୍ରିଟ ପାଚେରୀ ନିର୍ମାଣ ପାଇଁ ପାଖାପାଖି ୧୨ଲକ୍ଷ(ଜିଏସଟି ସହ) ଟଙ୍କା ପ୍ରଦାନ କରାଯାଇଥିଲା । ଫାଉଣ୍ଡେସନରେ ୬ଇ□ ବାଲି,ପୁରା ମେଟାଲ ବେସରେ ୬ଇ□ କଂକ୍ରିଟ ଢଳେଇ ଦେବା ପରେ କଂକ୍ରିଟ ପାଚେରୀ ଉଠିବା କଥା । ଜଳନିଷ୍କାସନ କୁ ଦୃଷ୍ଟିରେ ରଖି ରାସ୍ତା ଉଚ୍ଚତା ଠାରୁ ପାଚେରି ଉଚ୍ଚତା କମ ରଖାଯିବା କଥା । ହେଲେ ଠିକାଦାର ଫାଉଣ୍ଡେସନ ଠାରୁ ଆରମ୍ଭ କରି ପାଚେରୀ ର ମାନ,ମାଟି ଫିଲିଂ ଭଳି ସବୁ ଭାଗରେ ଏଷ୍ଟିମେଟକୁ ଉଲ୍ଲଂଘନ କରିଥିବା କୁହାଯାଉଛି । ଜଣେ ସାଧାରଣ ଲୋକ ଉକ୍ତ କାର୍ଯ୍ୟ ଉପରେ ଥରେ ନଜର ପକାଇଲେ ଜଳଜଳ କରି ଦେଖା ଯାଉଥିବା ଦୁର୍ନିତିକୁ ହୃଦୟଙ୍ଗମ କରି ପାରିବ । ହେଲେ ୩ମାସ ଧରି ଚାଲିଥିବା ତୃଟିପୁର୍ଣ କାର୍ଯ୍ୟ ଯନ୍ତ୍ରୀଙ୍କ ଆଖିରେ ନପଡିବା କୁ ନେଇ ବ□ମାନ ଡିଭିଜନରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିଭଳି ଠିକାଦାର ପାଚେରୀ ଉଚ୍ଚତାକୁ ରାସ୍ତା ଉଚ୍ଚତାରୁ ୨ଫୁଟ ଅଧିକ କରିଥିବାରୁ ଏହା ଏବେ ଜଳନିଷ୍କାସନରେ ବାଧା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି । ଏହିଭଳି ଦୁର୍ନିତି ପାଇଁ ଖଇରା ସବଡିଭିଜନର ସହକାରୀ ଯନ୍ତ୍ରୀ ପଦବୀକୁ ଖାଲି କରି ରଖାଯାଇ ଅନ୍ୟ ସହକାରୀ ଯନ୍ତ୍ରୀଙ୍କୁ ଖଇରା ଦାୟିତ୍ୱ ଦିଆଯାଉଥିବା ନେଇ ଆଲୋଚନା ହେଉଛି । ବିସ୍ମୟର କଥା ଯେ ଡିଭିଜନ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ଏହି କାର୍ଯ୍ୟରେ ମଧ୍ୟ ଡେଭିଏସନ କରାଯାଇ ଅଧିକ ୨ଲକ୍ଷ ଟଙ୍କା ଉଠାଯିବାକୁ କାଗଜପତ୍ରରେ ପ୍ରସ୍ତୁତି ଚାଲିଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କ ପ୍ରତିକ୍ରିୟା ନିଆଯିବାରେ ଅଧିକ ଉଚ୍ଚ ହୋଇଥିବା ଅଂଶକୁ କାମଇବା ପରେ ଚୁଡାନ୍ତ ବିଲ ପୈଠ କରାଯିବ ବୋଲି କହିଛନ୍ତି । ଯଦି ସହାକରୀଙ୍କ ପ୍ରତିକ୍ରିୟା ମୁତାବକ ନୂତନ ଭାବେ ନିର୍ମିତ ହୋଇଥିବା କାମକୁ ଠିକାଦାର ଥରେ ଭାଙ୍ଗିଲେ ପୁରା କାମ କେତେ ଦିନ ତିଷ୍ଠି ରହିବ ତାହା ସମୟ କହିବ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଆ ପକ୍ଷ ଓ ପାରମ୍ପରିକ ପୋଷାକ ଦିବସ ପାଳନ

ଝାରସୁଗୁଡ଼ା(ନି.ପ୍ର.) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆମ ପୋଷାକ ଆମ ପରିଚୟ' ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଓଡ଼ିଆ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରି ଓଡ଼ିଆ ଅସ୍ମିତା ଓ ଐତିହ୍ୟର ଏକ ଅନନ୍ୟ ଝଲକ ପ୍ରଦର୍ଶିତ କରିଥିଲେ ।ଆଜି ପୂର୍ବାହ୍ନ ସାଢେ ୧୦ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ସରକାରୀ କର୍ମଚାରୀ ଓଡ଼ିଆ ସଂସ୍କୃତିର ପ୍ରତୀକ ସ୍ୱରୂପ ହସ୍ତତନ୍ତ ବସ୍ତ୍ରରେ ସଜ୍ଜିତ ହୋଇ ପହଂଚିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଆ ଐତିହ୍ୟ ଏବଂ କଳାତ୍ମକ ବୈଭବକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା । ଏହା ସହିତ ସ୍ଥାନୀୟ ବୁଣାକାର ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଆ ପୋଷାକ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ପ୍ରୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସ୍ୱାଇଁ, ଉପ ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା, ସହକାରୀ ବୟନଶିଳ୍ପ ନିର୍ଦ୍ଦେଶିକା ମୋନାଲିସା ପଟେଲ, ଝାରସୁଗୁଡା ତହସିଲଦାର ଶ୍ରୀ ସଦାକାର କୁମ୍ଭାର, ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ ।



# ଏକାମ୍ର କ୍ଷେତ୍ରର ବିନ୍ଦୁସାଗରରେ ଆଳତି

ଭୁବନେଶ୍ୱର: ଏକାମ୍ର କ୍ଷେତ୍ର ର ବିନ୍ଦୁସାଗରରେ ଆଳତି, ଭୁବନେଶ୍ୱର ତା ୨ ଏପ୍ରିଲ ଚୈତ ପୁର୍ଣିମା ଅବସରରେ ଭୁବନେଶ୍ୱର ଶାନ୍ତି କମିଟି ଆନୁକୂଲ୍ୟରେ ପନ୍ଦର ତମ ବିନ୍ଦୁସାଗର ଆଳତି ଅନୁଷ୍ଠିତ ହୋଇଛି,ପୌରାଣିକ କଥା ଅନୁସାରେ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ, ଦେ୍ୱୀ ପାର୍ବତୀ ଙ୍କ ଶୋଷ ମେଂଟାଇବା ପାଁଇ ତ୍ରିଶୂଳ ସାହାଯ୍ୟ ରେ ବିନ୍ଦୁସାଗର କୁ ଖୋଲି ପାଣି ବାହାର କରିଥିଲେ ଓ ଲୋକ କଥା ଯେ ପୃଥିବୀ ର ସମସ୍ତ ତିର୍ଥ ର ଜଳକୁ ଆଣି ଦେବତା ମାନେ ମହାଦେବଙ୍କୁ ସନ୍ତୁଷ୍ଟ କରି ଏହି ବିନ୍ଦୁସାଗର ପ୍ରତିଷ୍ଠା କରିଥିଲେ



. ଏକାମ୍ର କ୍ଷେତ୍ର ର ବିନ୍ଦୁସାଗର ର ଗାରିମା ମୟ ଇତିହାସ କୁ ମନେ ପକାଇବା ପାଁଇ ଭୁବନେଶ୍ୱର ଶାନ୍ତି କମିଟି ର ପ୍ରୟାସ,ପ୍ରତିବର୍ଷ ଭଳି ଏହି ବର୍ଷ ବିଶ୍ୱଶାନ୍ତି ଓ ଲୋକ କଲ୍ୟାଣ ଉଦେଶ ରେ ସୂର୍ଯ୍ୟାସ୍ତ ସମୟରେ ବାବା ରାମ ନାରାୟଣଜୀ ମହାରାଜ ଙ୍କ ଦ୍ୱାରା ମହା ଆଳତି କରାଯାଇ ଥିଲା କ୍ଷ ପ୍ରଥମେ ଗଣେଶ ଙ୍କୁ ପୂଜା କରା ଯାଇ, ହନୁମାନ ଚାଳିଶା, କରି ହରିବୋଲ ହୁଳହୁଳି ଓ ନାମ ସଂକୀତନ ରେ ଆଳତି କରା ଗଲା, ଅନୁଷ୍ଠାନ ର ସଭାପତି ଡ଼ ମଧୁମାଧବ ଜେନା, ଉପ ସଭାପତି ରାଜେନ୍ଦ୍ର ସାମର୍ଥକ୍ଷ, ଉପଦେଷ୍ଟା ଡ଼ ନାରାୟଣ ମହାପାତ୍ର, ସମ୍ପାଦକ ନବକିଶୋର ବେହେରା ଙ୍କ ଉପସ୍ଥିତି ରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ପାଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ର ପୂଜା ଅର୍ଚନା କରିଥିଲେ, ଅନୁଷ୍ଠାନ ର ସହ ସମ୍ପାଦକ ବରିଷ୍ଠ ଆଇନିଜ୍ଞୀ ବିଜୟ କୁମାର ପାତ୍ର କର୍ତା ହୋଇ ଥିଲେ,ସମାଜ ସେବି ଶୀଳଭଦ୍ର ଶାସ୍ତ୍ରୀ, ଦିଲ୍ଲୀପ ରାଓ, ବିଜୟ ମୋହନ ପଣ୍ଡା ବିଜୟ ମାର୍ଥା ଶ୍ରୀନିବାସ ରାଓ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ଏହାର ମୁଖ୍ୟ ଉଦେଶ୍ୟ ହେଉଛି ବିନ୍ଦୁସାଗର ପରିଷ୍କାର ପରିଚ୍ଛନ୍ନ ରହିବା ସହିତ ଜଳସ୍ତର ବୃଦ୍ଧି, ଓ ପାନୀୟ ଜଳ ରୂପେ ଗ୍ରହଣ କରାଯାଇ ପାରିବ ସମସ୍ତେ ମିଳିମିଶି ସହଯୋଗ କରିବାକୁ ଅନୁରୋଧ କରିଥିଲେ, ସମସ୍ତ ରାଜଧାନି ବାସି ସୁଖରେ ଅତିବାହିତ କରିବାକୁ କାମନା କରାଯାଇଥିଲା ।

# ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

ନୀଳଗିରି(ନି.ପ୍ର.) ବାବା ପଂଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷାସାହିତ୍ୟ ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ମାର୍ଚ୍ଚ ୩୧ ତାରିଖ ମଙ୍ଗଳବାର ପୂର୍ବାହ୍ନରେ ଡଃ ଗୌରହରି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡଃ ଅକ୍ଷୟ ପାଣିଗ୍ରାହୀ ମଂଚଆହ୍ୱାନ ଏବଂ ଅତିଥିପରିଚୟ ପ୍ରଦାନ କରିଥିଲେ ।ମୁଖ୍ୟଅତିଥି ଭାବେ ବାବା ପଂଚଲିଙ୍ଗେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡଃ ପ୍ରଦୀପ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଜୀବନୀ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ । ଅନ୍ୟ ସମ୍ମାନିତ ଅତିଥିଭାବେ ଧାମନଗର ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ ହରିପ୍ରୀୟା ସେଠୀ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ବାବା ପଂଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ଅଧ୍ୟାପକ ଡ଼ ଗଦାଧର ବେହେରାଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ବିଦାୟୀ ଅଧ୍ୟକ୍ଷଙ୍କ ଗୁଣଗାନ କରିଥିଲେ । ଏହି ଅବସରରେ ଓଡ଼ିଆ ବିଭାଗ ଓ ଜାତୀୟ ସେବାଯୋଜନାରେ ବିଦାୟୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ସାହୁ ଏବଂ ସ୍ତ୍ରୀ ସରସ୍ୱତୀ ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ଯୁକ୍ତତିନି ଶେଷବର୍ଷର ଛାତ୍ରଛାତ୍ରୀ ମାନଙ୍କ ଉପଲକ୍ଷେ ବିଦାୟୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅଧ୍ୟାପକ ତ୍ରିଲୋଚନ ବାରିକ, ଗଙ୍ଗାଧର ପରିଡା, ହରିଶଙ୍କର ପାଣିଗ୍ରାହୀ, ଅକ୍ଷୟ କୁମାର ପାତ୍ର, ସାଗରେନ୍ଦ୍ର ମିଶ୍ର, ବିନୋଦ କୁମାର ନାୟକ, ସଂଘମିତ୍ରା ରାଉଳଙ୍କ ସହିତ ସମସ୍ତ ଅଣଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଅଧ୍ୟାପକ ଅଭିମନ୍ୟୁ ମାହୁନ୍ତ ଧନ୍ୟବାଦ ଦେଇଥିଲେ ।



## ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରୁ ବାହାରିଲା ଚାପ ଡଙ୍ଗା



ପୁରୀ: ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଚନ୍ଦନ ଯାତ୍ରା । ଏ ନେଇ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ଆଜି ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥିରେ ନରେନ୍ଦ୍ର ପୁଷ୍କରିଣୀ ଜଳ ଭିତରେ ଥିବା ମହାପ୍ରଭୁଙ୍କ ଚାପ ଡଙ୍ଗାକୁ ଭୋଇ ସେବକମାନେ ବାହାର କରିଛନ୍ତି । ମହାରଣା ସେବକ ମାନେ ଏହାକୁ ମରାମତି କରିବା ପରେ ଚାପ ଡଙ୍ଗା ଗୁଡ଼ିକ ପ୍ରସ୍ତୁତ ହେବ । ସେପଟେ ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଚି । ଆସନ୍ତା ଅପ୍ରେଲ ମାସ ୨୦ ତାରିଖ ରେ ପବିତ୍ର ଅକ୍ଷୟ ତୃତୀୟ । ଏହି ଦିନ ମହାପ୍ରଭୁଙ୍କ ରଥ ନିର୍ମାଣ ଶୁଭାରମ୍ଭ ସହ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହେବ । ନରେନ୍ଦ୍ର ପୁଷ୍କରିଣୀ ଜଳ ଭିତରେ ଗତ ବର୍ଷ ଚନ୍ଦନ ଯାତ୍ରା ସମାପନ ପରେ ରଖା ଯାଇଥିବା ମହାପ୍ରଭୁଙ୍କ ଚାପ ଡଙ୍ଗାକୁ ପାଣି ଭିତରୁ ବାହାର କରାଯାଇଛି । ଆସନ୍ତା ଅପ୍ରେଲ ମାସ ୨୦ତାରିଖ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ । ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ନନ୍ଦା ଭଦ୍ରା ଚାପ ଡଙ୍ଗାରେ ବସି ଜଳ କ୍ରୀଡ଼ା କରିବେ । ଏଥି ପାଇଁ ନରେନ୍ଦ୍ର ପୁଷ୍କରିଣୀ ରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ସେବାୟତ ମାନେ ବେଶ୍ ଉତ୍ସାହିତ ଅଛନ୍ତି ।

## ଆର୍ଟେମିସ୍-୨ ଚନ୍ଦ୍ର ମିଶନ୍ ଲଂଚ କଲା ନାସା



ଫ୍ଲୋରିଡା: ନାସା ଆଜି ଆର୍ଟେମିସ୍ -୨ ଚନ୍ଦ୍ର ମିଶନ୍ ସଫଳତାର ସହ ଉତକ୍ଷେପଣ କରିଛି । ବିଶାଳ SLS ରକେଟ୍ ଫ୍ଲୋରିଡାର କେନେଡି ସ୍ପେସ୍ ସେଂଟରରୁ ସକାଳ ୩ଟା ୫୪ରେ ଉତକ୍ଷେପଣ କରାଯାଇଛି । ଏହା ୫୪ ବର୍ଷ ମଧ୍ୟରେ ଚନ୍ଦ୍ରକୁ ମଣିଷକୁ ନେଇଯିବା ପାଇଁ ପ୍ରଥମ ମାନବ ମିଶନ । ଏହି ଉତକ୍ଷେପଣ ସମ୍ପୂର୍ଣ୍ଣ ସଫଳ ହୋଇଥିଲା, ଏବଂ ସମସ୍ତ ଚାରି ଜଣ ମହାକାଶଚାରୀ ସୁରକ୍ଷିତ ଭାବରେ ପୃଥିବୀର କକ୍ଷପଥରେ ପହଂଚିଥିଲେ । ସମଗ୍ର ବିଶ୍ୱ ଏହି ଉତକ୍ଷେପଣ ଦେଖିଥିଲା । ଏହି ମିସନରେ ଚାରି ଜଣ ସଦସ୍ୟଙ୍କ କୁ ଅଛନ୍ତି । ଭିକ୍ଟର ଗ୍ଲୋଭର (ପାଇଲଟ୍) – ଚନ୍ଦ୍ରକୁ ଚାଲିବାକୁ ପ୍ରଥମ କୃଷ୍ଣକାୟ ମହାକାଶଚାରୀ କ୍ରିଷ୍ଟିନା କୋଚ୍ (ମିସନ୍ ବିଶେଷଜ୍ଞ) – ଚନ୍ଦ୍ରକୁ ଚାଲିବାକୁ ପ୍ରଥମ ମହିଳା ଜେରେମି ହାନସେନ୍ (ମିସନ୍ ବିଶେଷଜ୍ଞ) – ଚନ୍ଦ୍ରକୁ ଚାଲିବାକୁ ପ୍ରଥମ କାନାଡିଆନ୍ ମହାକାଶଚାରୀ ଉତକ୍ଷେପଣ ପୂର୍ବରୁ, ମହାକାଶଚାରୀମାନେ ସଂକ୍ଷିପ୍ତ କିନ୍ତୁ ଭାବପ୍ରବଣ ବାର୍ତ୍ତା ପ୍ରଦାନ କରିଥାଏ ।








## ହନୁମାନ ଜନ୍ମୋତ୍ସବରେ ଦେଶବାସୀଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ହନୁମାନ ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଭଗବାନ ହନୁମାନଙ୍କୁ ଭକ୍ତି, ଶକ୍ତି ଏବଂ ଅଟୁଟ ସମର୍ପଣର ପ୍ରତୀକ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ମହାବଳୀ ହନୁମାନଙ୍କର କୃପାରେ ସମସ୍ତ ଭକ୍ତଙ୍କ ମଧ୍ୟରେ ସାହସ ଓ ସକାରାତ୍ମକତାର ସଂଚାର ହୁଏ । ସେ ହନୁମାନଜୀଙ୍କ ସ୍ତୁତିରେ ଏକ ସଂସ୍କୃତ ଶ୍ଳୋକ ମଧ୍ୟ ସେୟାର କରିଥିଲେ— "ମନୋଜବଂ ମାରୁତତୁଲ୍ୟବେଗଂ ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ । ବାତାତ୍ମଜଂ ବାନରଯୂଥମୁଖ୍ୟଂ ଶ୍ରୀରାମଦୂତଂ ଶିରସା ନମାମି" ଏହି ଶ୍ଳୋକର ଅର୍ଥ ହେଉଛି—ମୁଁ ସେହି ହନୁମାନଜୀଙ୍କୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଛି, ଯିଏ ମନର ଗତି ପରି ତୀବ୍ର, ପବନ ପରି ବେଗବାନ, ଯିଏ ନିଜ ଇନ୍ଦ୍ରିୟକୁ ଜିତିଛନ୍ତି, ବୁଦ୍ଧିମାନ ମଧ୍ୟରେ ଶ୍ରେଷ୍ଠ, ପବନଦେବଙ୍କ ପୁତ୍ର, ବାନର ସେନାର ନେତା ଏବଂ ଭଗବାନ ଶ୍ରୀରାମଙ୍କ ଦୂତ । ପ୍ରଧାନମନ୍ତ୍ରୀ ଅନ୍ୟ ଏକ ବାର୍ତ୍ତାରେ କହିଛନ୍ତି ଯେ ଏହି ପବିତ୍ର ଅବସର ସମସ୍ତଙ୍କ ଜୀବନରେ ନୂତନ ଶକ୍ତି ଓ ସ୍ଫୂର୍ତ୍ତି ଆଣୁ । ସେ କାମନା କରିଛନ୍ତି ଯେ ପବନପୁତ୍ର ହନୁମାନଜୀ ସମସ୍ତଙ୍କୁ ବଳ, ବୁଦ୍ଧି ଓ ବିଦ୍ୟାର ଆଶୀର୍ବାଦ ଦିଅନ୍ତୁ, ଯାହା ଦ୍ୱାରା ଦେଶର ସାମର୍ଥ୍ୟ ଆହୁରି ବଢ଼ିବ । ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାର ଶେଷରେ "ଜୟ ବଜରଙ୍ଗବଳୀ" ବୋଲି ଉଚ୍ଚାରଣ କରିଛନ୍ତି ।

## ଭବାନୀପୁରରେ ନିର୍ବାଚନୀ ସମାବେଶକୁ ସମ୍ବୋଧିତ କଲେ ଅମିତ ଶାହ



କୋଲକାତା : ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗରେ ପହଂଚିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତୃଣମୂଳ କଂଗ୍ରେସ ଉପରେ କଡ଼ା ଆକ୍ରମଣ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ଲୋକମାନେ ଏବେ ପରିବର୍ତ୍ତନ ଚାହୁଁଛନ୍ତି ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ସରକାର ଗଠନ କରିବାକୁ ପ୍ରସ୍ତୁତ ଅଛନ୍ତି । ସେ ଦାବି କରିଛନ୍ତି ଯେ ଯଦି ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ଭବାନୀପୁରରେ ବିଜୟୀ ହୁଅନ୍ତି, ତେବେ ସମଗ୍ର ବଙ୍ଗଳାରେ କ୍ଷମତା ପରିବର୍ତ୍ତନ ପାଇଁ ପଥ ପ୍ରଶସ୍ତ ହେବ । ଭବାନୀପୁରରେ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ନାମାଙ୍କନ ପତ୍ର ଦାଖଲ ଅବସରରେ ଆୟୋଜିତ ଏକ ସମାବେଶକୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ସେ ସମଗ୍ର ବଙ୍ଗଳା ଗସ୍ତ କରିଥିଲେ ଏବଂ ଯେଉଁଠାରେ ସେ ଲୋକଙ୍କ ମଧ୍ୟରେ ସରକାର ପରିବର୍ତ୍ତନ ପାଇଁ ଇଚ୍ଛା ଦେଖିଥିଲେ । ସେ ଅଭିଯୋଗ କରିଥିଲେ ଯେ ରାଜ୍ୟର ଲୋକମାନେ ତୋଲା-ବାଜି, ଦୁର୍ନୀତି, ମହିଳାଙ୍କ ପାଇଁ ଅସୁରକ୍ଷା, ବେକାରୀ ଏବଂ ଅବୈଧ ପ୍ରବାସନ ଭଳି ସମସ୍ୟାରେ ଆକ୍ରାନ୍ତ । ସେ କହିଛନ୍ତି ଯେ ଯଦି ବିଜେପି ସରକାର ଗଠନ କରେ, ତେବେ ସୀମା ସୁଦୃଢ଼ ହେବ ଏବଂ ଅବୈଧ ପ୍ରବାସୀମାନଙ୍କୁ ଚିହ୍ନଟ କରି ଦେଶରୁ ବିତାଡିତ କରାଯିବ । ସେ ଏହା ମଧ୍ୟ କହିଛନ୍ତି ଯେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଯେଉଁ ରାଜ୍ୟଗୁଡ଼ିକରେ ବିଜେପି ସରକାର ଗଠନ କରିଛି, ସେଠାରେ ବିକାଶ ହୋଇଛି, ଏବଂ ଏବେ ପଶ୍ଚିମବଙ୍ଗର ପାଳି ଆସିଛି । ଅମିତ ଶାହ ଭବାନୀପୁରର ଭୋଟରମାନଙ୍କୁ ଏକ ବିଶେଷ ନିବେଦନ କରି କହିଛନ୍ତି ଯେ ସାଧାରଣତଃ ଅନେକ ଆସନ ଜିତିବା ପରେ ପରିବର୍ତ୍ତନ ଘଟେ, କିନ୍ତୁ ଏଥର ଭବାନୀପୁରରେ ଗୋଟିଏ ଆସନ ଜିତିବା ମଧ୍ୟ ସମଗ୍ର ରାଜ୍ୟର ରାଜନୈତିକ ଦିଗକୁ ବଦଳାଇପାରେ । ସେ କହିଛନ୍ତି ଯେ ଗତ ନିର୍ବାଚନରେ ମମତା ବାନାର୍ଜୀ ନନ୍ଦିଗ୍ରାମରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ପରାସ୍ତ ହୋଇଥିଲେ ଏବଂ ଏଥର ତାଙ୍କୁ ଭବାନୀପୁରରେ ମଧ୍ୟ ପରାଜୟର ସମ୍ମୁଖୀନ ହେବାକୁ ପଡିବ ।

## ମେ' ପ୍ରଥମ ସପ୍ତାହରେ ମ୍ୟାଟ୍ରିକ ରେଜଲ୍ଟ ଅନ୍‌ଲାଇନରେ ମିଳିବ ସାର୍ଟିଫିକେଟ୍



କଟକ : ନିର୍ଭୁଲ ଏବଂ ବିନା ଦ୍ୱନ୍ଦ୍ୱରେ ମାଟ୍ରିକ୍ ଖାତା ଦେଖା ଶେଷ ହୋଇଛି । ଏହା ପରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଁ ଦ୍ୱିତୀୟ ପ୍ରକ୍ରିୟା ଆରମ୍ଭ ହେବ । ଏଥର ମେ' ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ ପ୍ରକାଶ ପାଇଁ ଲକ୍ଷ୍ୟ ରହିଛି । ମାଟ୍ରିକ୍ ରେଜଲ୍ଟ ଟାବୁଲେସନ୍ ପାଇଁ ଏକ ମାସ ଲକ୍ଷ୍ୟ ରହିଛି । ସେହିପରି ମାଟ୍ରିକ୍ ଫଳ ପ୍ରକାଶ ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ଅନ୍ଲାଇନ୍ରେ ମାଟ୍ରିକ୍ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ଏଥି ସହିତ ପେପର ଖରାପ ଥିଲେ ସପ୍ଲିମେ[ାରୀ ପରୀକ୍ଷା ଦେଇ ପାରିବେ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ମାର୍ଚ୍ଚ ୧୯ରୁ ଏହି ମୂଲ୍ୟାୟନ ପ୍ରକ୍ରିୟା ରାଜ୍ୟର ୩୦ଟି ଯାକ ଜିଲ୍ଲାର ୫୦ଟି ମୂଲ୍ୟାୟନ କେନ୍ଦ୍ରରେ ଚାଲିଆସୁଛି । ମାଟ୍ରିକ୍ ସହ ଆରମ୍ଭ ହୋଇଥିବା ଏସ୍‌ଓଏସି ଓ ମଧ୍ୟମା ଖାତା ଦେଖା ଇତି ମଧ୍ୟରେ ଶେଷ ହୋଇସାରିଥିବାର ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି । ଅନ୍ୟପକ୍ଷରେ ମାଟ୍ରିକ୍ ଖାତା ଦେଖା ଶେଷ ହୋଇଥିବା ଦୁଇଟି ଜିଲ୍ଲାରୁ ଉତରଖାତା ବୁଧବାର ପହଂଚିଥିବାର ସୂଚନା ମିଳିଛି । ମାଟ୍ରିକ୍ ସବଜେକ୍ଟିଭ୍ ପ୍ରଶ୍ନର ଉତରଖାତା ମୂଲ୍ୟାୟନ ଲାଗି ରାଜ୍ୟରେ ୧୩ ହଜାରରୁ ଅଧିକ ଶିକ୍ଷକ ନିୟୋଜିତ ଅଛନ୍ତି । ସୂଚନାଯୋଗ୍ୟ, ମାଟ୍ରିକ୍, ଏସ୍‌ଓଏସ୍ସି ଓ ମଧ୍ୟମା ପରୀକ୍ଷା ମିଶି ଚଳିତ ବର୍ଷ ଚଳିତ ରାଜ୍ୟରେ ୫ ଲକ୍ଷ ୪୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ୧୦୦ ନମ୍ବର ବିଶିଷ୍ଟ ପରୀକ୍ଷାରୁ ୫୦ ନମ୍ବର ବିଶିଷ୍ଟ ଅବଜେକ୍ଟିଭ୍ ପ୍ରଶ୍ନର ଉତର ଓଏମ୍‌ଆର ସିଟ୍ରେ ଥିବାରୁ ତାହା ମୂଲ୍ୟାୟନ ଶେଷ ହୋଇସାରିଛି । ସବଜେକ୍ଟିଭ୍ ଉତର ଖାତାଗୁଡ଼ିକର ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇଥିଲା । ମୂଲ୍ୟାୟନ ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ପ୍ରତିଦିନ ଶିକ୍ଷକମାନେ ଖାତା ଦେଖିସାରିବା ପରେ ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଲିଙ୍କ୍ରେ ପରୀକ୍ଷାର୍ଥୀଙ୍କ ମାର୍କ ଅପଲୋଡ୍ ହୋଇଛି । ମାଟ୍ରିକ୍ ପରୀକ୍ଷା ଫଳ ମେ' ପ୍ରଥମ କିମ୍ବା ସପ୍ତାହ ସୁଦ୍ଧା ପ୍ରକାଶ ପାଇଁ ବୋର୍ଡ ସମୟ ଧାର୍ଯ୍ୟ କରିଛି ।

## ରାଜ୍ୟ ରାଜପଥ - ୬୩ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲାରେ କୋଇଲା ପରିବହନ ଏବଂ ଶିଳ୍ପ ଭିତିଭୂମିକୁ ସଦୃଢ଼ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି । ଏହି ସମ୍ପର୍କରେ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ଛେଣ୍ଡିପଦା-ଅନୁଗୋଳ ରାଜ୍ୟ ରାଜପଥ (ଏସଏଚ- ୬୩) ର ପ୍ରଶସ୍ତିକରଣ ଓ ବାଇପାସ ନିର୍ମାଣ ପାଇଁ ପ୍ରସ୍ତାବ ଦେବା ସହ ଛେଣ୍ଡିପଦା-ଜରପଡ଼ା ଜିଲ୍ଲା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର କେନ୍ଦ୍ରଭାଗରେ ଅବସ୍ଥିତ ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ଏବଂ ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ରେ ପ୍ରାୟ ୫ ପ୍ରତିଶତ ଅବଦାନ ଦେଉଛି । କୋଇଲା ସମ୍ପଦରେ ସମୃଦ୍ଧ ଏହି ଜିଲ୍ଲାର ବାର୍ଷିକ କୋଇଲା ଉତ୍ପାଦନ ବର୍ତ୍ତମାନର ୧୧୬ ମିଲିୟନ ଟନ୍ (ଏମଟି) ରୁ ବୃଦ୍ଧି ପାଇ ୨୦୩୩ ସୁଦ୍ଧା ୨୫୦-୩୦୦ ମିଲିୟନ ଟନ୍‌ରେ ପହଂଚିବ ବୋଲି ଆକଳନ କରାଯାଇଛି । ଏହି ଜିଲ୍ଲା ଇସ୍ପାତ, ଆଲୁମିନିୟମ ଏବଂ ତାପଜ ବିଦ୍ୟୁତ କେନ୍ଦ୍ର ଭଳି ଭାରୀ ଶିଳ୍ପ, ଉନ୍ନତ ବିନିର୍ମାଣ ଏବଂ ଆନୁସଙ୍ଗିକ ଏମଏସଏମଇ ଗୁଡ଼ିକ ପାଇଁ ଏକ ଉତମ ବାତାବରଣ ତିଆରି କରୁଛି । ଅନୁଗୋଳରେ ନାଲକୋ ସ୍ମେଲ୍ଟର ପ୍ଲାଂଟ, ଏନଟିପିସି କଣିହାଁ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେସନ ଏବଂ ମହାନଦୀ କୋଲଫିଲ୍ଡସ ଲିମିଟେଡର ବ୍ୟାପକ କୋଇଲା ଖଣି ଭଳି ପ୍ରମୁଖ ଶିଳ୍ପ ଓ ଶକ୍ତି କେନ୍ଦ୍ରଗୁଡ଼ିକ ରହିଛି, ଯାହା ରାଜ୍ୟର ଶକ୍ତି ନିରାପତାର ମେରୁଦଣ୍ଡ ସାଜିଛି ।

## ସହରାଂଚଳରେ ପିଏନଜି ବାଧ୍ୟତାମୂଳକ : ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର : ସବୁ ସହରାଂଚଳ ପାଇଁ ପିଏନଜିସଂଯୋଗ ବାଧ୍ୟତାମୂଳକ । ତୈଳ କମ୍ପାନୀ ସହ ବୈଠକ ପରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି । ସହରାଂଚଳରେ ୩ ମାସ ମଧ୍ୟରେ ପିଏନଜି ସଂଯୋଗ ଦିଆଯିବ । ସ୍ଥାୟୀ ବାସିନ୍ଦାଙ୍କ ସହ ଭଡ଼ାରେ ରହୁଥିବା ବ୍ୟକ୍ତି ବି ପିଏନଜି ସୁବିଧା ପାଇବେ । ତେବେ ଗ୍ରାମାଂଚଳ ପାଇଁ ଏଲପିଜି ସିଲିଣ୍ଡର ଯୋଗାଣ ପୂର୍ବପରି ଜାରି ରହିବ । ଗ୍ୟାସ୍ କଳାବଜାରୀ ରୋକିବାକୁ ଇ-କେୱାଇସି ବ୍ୟବସ୍ଥା ଆପଣାଯିବ । ଇ-କେୱାଇସି ସରିଗଲେ କେହି ଆଉ କାହା ନାଁରେ ଗ୍ୟାସ୍ ନେଇପାରିବେନି । ତେବେ ଯେଉଁମାନେ ପିଏନଜି ସଂଯୋଗ ନେଇଛନ୍ତି, ସେମାନଙ୍କୁ ଏଲପିଜି ମନା ବୋଲି ମନ୍ତ୍ରୀ କହିଛନ୍ତି । ୩ ମାସ ମଧ୍ୟରେ ରାଜ୍ୟର ବଡ଼ ବଡ଼ ସହର ଗୁଡିକରେ ପିଏନଜି କନେକ୍ସନ ପାଇଁ କମ୍ପାନୀ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ତେବେ ସହରାଂଚଳ ଗୁଡିକରେ ଭଡା ନେଇଥିବା ଲୋକ ମଧ୍ୟ ପିଏନଜି କନେକ୍ସନ ନେଇ ପାରିବେ । ବୈଠକରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଯୋଗାଣ ସଚିବ ଓ ତେଲ କମ୍ପାନୀର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ୩୦ଟି ଜିଲ୍ଲାରେ ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ରକୁ ଲୋକାର୍ପଣ କଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଓଡ଼ିଶାର ୩୦ଟି ଜିଲ୍ଲାରେ ନିର୍ମିତ ୧,୮୮୯ଟି ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କେନ୍ଦ୍ରଗୁଡ଼ିକୁ ଭୁବନେଶ୍ୱର ସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଉପ-ମୁଖ୍ୟମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟକୁ ଦୋହରାଇ କହିଥିଲେ ଯେ, "ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନବାଡ଼ି" ଗଠନ ହିଁ ଆମର ମୂଳ ଲକ୍ଷ୍ୟ । ସେ ବାଲେଶ୍ୱର, ଗଞ୍ଜାମ, କଟକ, ଅନୁଗୋଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ମନ୍ତ୍ରୀ ରବି ନାରାୟଣ ନାଏକ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ କହିଥିଲେ ଯେ, ଆଜିର ଏହି ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସୂଚନାଯୋଗ୍ୟ ଯେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଂଚାୟତିରାଜ ବିଭାଗର ମିଳିତ ସହଯୋଗରେ ଏହି ପ୍ରକଳ୍ପ ସଫଳ ହୋଇପାରିଛି । ଏହି ନୂତନ କେନ୍ଦ୍ରଗୁଡ଼ିକ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତି ମା'ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶାଲ ଏବଂ ଉଭୟ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ୩୦ଟି ଜିଲ୍ଲାର ଜିଲ୍ଲାପାଳ , ମୁଖ୍ୟ ଉନ୍ନୟନ ଅଧିକାରୀ, ଡି. ଏସ .ଡବ୍ଲୁ , ସି .ଡି .ପି .ଓ ତଥା ଅନ୍ୟାନ୍ୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

## ବାଲେଶ୍ୱର ମହିଳା କଲେଜରେ 'ଓଡ଼ିଆପକ୍ଷ' ପାଳନ




ବାଲେଶ୍ୱର : ସ୍ଥାନୀୟ ଗୋପାଳଗାଁ ବାଲେଶ୍ୱର ମହିଳା କଲେଜରେ 'ଓଡ଼ିଆପକ୍ଷ' ପାଳନ କରାଯାଉଛି । ଏହା ଉତ୍କଳ ଦିବସରୁ ଆରମ୍ଭ ହୋଇ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ୧୪ ଦିନ ଧରି ଚାଲିବ । ଏହି ପରିପ୍ରେକ୍ଷୀରେ କଲେଜର ଅଧକ୍ଷ ଡ. ଉମାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆପକ୍ଷ ପାଳନର ଦ୍ୱିତୀୟ ଦିବସରେ 'ଆମ ପୋଷାକ ଆମ ପରିଚୟ' ଶୀର୍ଷକ ଆଲୋଚନା କରାଯାଇ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗ ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ରିୟା ଦାସ, ଅଧ୍ୟାପିକା ଡ. ରୂପାଲି ଚୌଧୁରୀ, ମନୋବିଜ୍ଞାନ ଅଧ୍ୟାପିକା ଡ. ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ସଂସ୍କୃତ ଅଧ୍ୟାପକ ନିଶିକାନ୍ତ ପଣ୍ଡା, ଅଧ୍ୟାପିକା ଚମ୍ପାବତୀ କିସ୍କୁ, ଉର୍ଦ୍ଦୁ ଅଧ୍ୟାପିକ ରୋକେୟା ଜମାଲ, ଇତିହାସ ଅଧ୍ୟାପିକା ପୂରବୀ ପଟ୍ଟନାୟକ, ଗୃହବିଜ୍ଞାନ ଅଧ୍ୟାପିକା ଡ. ମୋନିକା ଶତପଥୀ, ଅଧ୍ୟାପକ ପ୍ରଦୀପ କୁମାର ଜେନା, ନମିତା ରାଉତ, ପ୍ରିୟମ୍ବଦା ନନ୍ଦୀ, ମିତାରାଣୀ ଚୌଧୁରୀଙ୍କ ସମେତ ସମସ୍ତ ଅଣଶିକ୍ଷା କର୍ମଚାରୀ ଓ ଛାତ୍ରୀଗଣ ଉପସ୍ଥିତ ଥିଲେ ।

## ଆଇପିଏଲ -୨୦୨୬ : କୋଲକାତା ଆଗରେ ୨୨୭ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ହାଇଦ୍ରାବାଦ୍



କୋଲକାତା: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୬ର ଷଷ୍ଠ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ଖେଳାଯାଉଛି । ଇଡେନ୍ ଗାର୍ଡେନ୍ସରେ ଗୁରୁବାର ଏହି ମୁକାବିଲା ହୋଇଛି । ଆୟୋଜକ କୋଲକାତା ଟିମ୍ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ଅତିଥି ଟିମ୍ ବ୍ୟାଟିଂ କରିଥିଲା । ଈଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୨୨୬ ରନ୍ ସଂଗ୍ରହ କରିଛି । ଫଳରେ କୋଲକାତାକୁ ଏହି ମ୍ୟାଚ୍ ବିଜୟ ପାଇଁ ୨୨୭ ରନ୍‌ର ଲକ୍ଷ୍ୟ ମିଳିଛି । ହେନ୍‌ରିକ୍ କ୍ଲାସେନ୍ ଅର୍ଦ୍ଧଶତକ ହାସଲ କରିଛନ୍ତି । ହାଇଦ୍ରାବାଦପାଇଁ ହେନ୍‌ରିକ୍ କ୍ଲାସେନ୍ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୩୫ଟି ବଲ୍ ଖେଳି ୫୨ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା । ହାଇଦ୍ରାବାଦ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ଟ୍ରାଭିସ୍ ହେଡ୍ ଏବଂ ଅଭିଷେକ ଶର୍ମା ପ୍ରଥମ ୱିକେଟ୍‌ରେ ୮୨ ରନ୍ ଭାଗିଦାରୀ କରିଥିଲେ । ଟ୍ରାଭିସ୍ ହେଡ୍ ଆଉଟ୍ ହୋଇ ପାଭିଲିଅନ୍ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୬ ରନ୍ ସଂଗ୍ରହ କରିଥିଲେ । ସେ ୨୧ଟି ବଲ୍ ଖେଳି ୬ଟି ଚୌକା ଏବଂ ୩ଟି ଛକା ମଧ୍ୟ ମାରିଥିଲେ । ଅଭିଷେକ ଶର୍ମା ଦଳ ପାଇଁ ୪୮ ରନ୍ ସଂଗ୍ରହ କରିଥିଲେ । ସେ କୋଲକାତାର ତୃତୀୟ ୱିକେଟ୍‌ର ଶିକାର ହୋଇଥିଲେ । ୨୧ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ମାରିଥିଲେ ।

## ଓଡ଼ିଶାରେ ଆଦିବାସୀ ସାଂସ୍କୃତିକ ଐତିହ୍ୟର ପ୍ରଚାର କରୁଛନ୍ତି କେନ୍ଦ୍ର ସରକାର



ଓଡ଼ିଶାରେ ଆଦିବାସୀ ସାଂସ୍କୃତିକ ଐତିହ୍ୟର ପ୍ରଚାର କରୁଛନ୍ତି କେନ୍ଦ୍ର ସରକାର

ନୂଆଦିଲ୍ଲୀ : ଓଡ଼ିଶାରେ ଜନଜାତୀୟ ସଂସ୍କୃତି ଓ ଐତିହ୍ୟର ପ୍ରଚାର-ପ୍ରସାର ପାଇଁ କେନ୍ଦ୍ର ସରକାର ସକ୍ରିୟ ଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସହ ସମନ୍ୱୟରେ ୨୧ଟି ଜନଜାତିର ଭାଷା, ପ୍ରଥା ଓ ପରମ୍ପରା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏ ସମ୍ବନ୍ଧରେ ଆଜି ଲୋକସଭାରେ ସୂଚନା ଦେଇ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦୁର୍ଗାଦାସ ଉଇକେ କହିଛନ୍ତି ଯେ ଜନଜାତୀୟ ସଂସ୍କୃତିର ସୁରକ୍ଷା ଓ ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସେ କହିଛନ୍ତି ଯେ 'ସପୋର୍ଟ ଟୁ ଟିଆରଆଇ' ଯୋଜନା ଅଧୀନରେ ୨୦୧୯ ପରଠାରୁ ଓଡ଼ିଶାରେ କୌଣସି ନୂତନ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇନଥିଲେ ମଧ୍ୟ, ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଟିଆରଆଇ) ପକ୍ଷରୁ ଆବଶ୍ୟକତାନୁସାରେ କେନ୍ଦ୍ର ମନ୍ତ୍ରଣାଳୟ ସମୟୋଚିତ ଭାବରେ ଆର୍ଥିକ ସହାୟତା ପ୍ରଦାନ କରୁଛି । ୨୦୦୧ ମସିହାରୁ ଭୁବନେଶ୍ୱରର ସିଆରପିଏଫ ଛକଠାରେ କାର୍ଯ୍ୟ କରୁଛି । ଏହି ଅନୁଷ୍ଠାନକୁ ପ୍ରଦାନ କରାଯାଇଥିବା ବିଭିନ୍ନ ଅନୁମୋଦିତ ପ୍ରକଳ୍ପ ଏବଂ ପାଣ୍ଠିର ବିବରଣୀ https://tribal.nic.in/Display_Apex_Minutes.aspx ୱେବସାଇଟରେ ଉପଲବ୍ଧ ରହିଛି । ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଟିଆରଇ ଏବଂ ମିଡିଆ ଡିଭିଜନ 'ସପୋର୍ଟ ଟୁ ଟ୍ରାଇବାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍' ନାମକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରବ ଏହି ସହାୟତା ପ୍ରଦାନ କରାଯାଇଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**